


# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ୩୦ ଫୁଟ ଘାଇ

**କଲମପୁର/ଜୟପାଟଣା, ୪।୩(ସମିସ)**

ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଦେପୁର ଆରଡ଼ି ୪୦ ନିକଟରେ ୩୦ଫୁଟର ଘାଇ ସୃଷ୍ଟି ହୋଇ ଶହଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ଜନବସତିକୁ ପାଣି ମାଡିଯାଇଥିବାରୁ ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଏପରିକି କଲମପୁର-ଜୁନାଗଡ଼ ମୁଖ୍ୟ ରାସ୍ତା ଉପରେ ମଧ୍ୟ ଜଳ ପ୍ରବାହିତ ହୋଇ କିଛି ସମୟ ପାଇଁ ଏହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଦେପୁର ଗ୍ରାମର କୃଷ୍ଣଚନ୍ଦ୍ର ମାଲଙ୍କ ଘରେ ହଠାତ ପାଣି ପଶିବାରୁ ପରିବାରର କେତେକ ସଦସ୍ୟ ବାହାରକୁ ଚାଲି ଆସିଥିଲେ ହେଁ ଛୁଆପିଲା ଜଳବନ୍ଦୀ ହୋଇ ରହିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଆଜବେଷ୍ଟସ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରାଯାଇଥିଲା। କୃତିମ ବଫ୍ୟା ଯୋଗୁ ଅନେକ ଆସବାବପତ୍ର ନଷ୍ଟ ହୋଇଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ମୁଖ୍ୟ କେନାଲ ପାଣି ବନ୍ଦ କରିବା ପାଇଁ ମୁଖୀଗୁଡା ଅଫିସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଗେଟ ବନ୍ଦ ରଖିଛନ୍ତି। ପାଣିର ପ୍ରଖର ପ୍ରବାହ ଧୀରେ ଧୀରେ କମିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ପ୍ରଭାବିତ ସମ୍ପୃକ୍ତ ପରିବାରକୁ ପକ୍ଷରୁ କ୍ଷତିପୂରଣ ଦାବିରେ ସେମାନେ କଲମପୁର-ଜୁନାଗଡ଼ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ବିଡ଼ିଓ ବିଜୟ କୁମାର ମଣ୍ଡାଙ୍ଗି, ତହସିଲଦାରଙ୍କ ସମେତ ପୁଲିସ ପହଞ୍ଚି କ୍ଷତିପୂରଣ ଦେବା ପ୍ରତିଶ୍ରୁତି ଦେବାରେ ପରିବାର ଲୋକେ ରାସ୍ତାରୁ ଓହରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ପରିବାରବର୍ଗଙ୍କୁ ଭେଟି ଶାନ୍ତ୍ୱନା ଦେବା ସହିତ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଏଥିସହିତ ବ୍ୟାପକ ଧାନ ଫସଲ କ୍ଷତି ଓ ଚାଷ ଜମିର ପୁନଃ ଉଦ୍ଧାର ସକାଶେ ତହସିଲଦାର ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ସମ୍ପୃକ୍ତ ଦକ୍ଷିଣ କେନାଲ ନବୀକରଣ ପାଇଁ ଗତ ୨ ବର୍ଷ ଧରି ମୁଖ୍ୟ କେନାଲରେ ଜଳ ଯୋଗାଣ ବନ୍ଦ କରି କାମ କରାଯାଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଆଜି ଚାଷୀଙ୍କୁ ଭୋଗିବାକୁ ପଡୁଛି ବୋଲି ଚାଷୀ ମୁକୁନ୍ଦ ତେଣ୍ଡକାରି ଓ ସୁଶୀଳ ବାଣ୍ଣୁଆଁ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।









**ଚାଷ ଜମି ଜଳମଗ୍ନ, ଜନବସତିରେ ପାଣି ମାଡ଼ି ବ୍ୟାପକ କ୍ଷତି**

■ ଖଡିଆଳ ସହର ରାସ୍ତା ମଝିରେ ଗାତ

# ଦୁର୍ଘଟଣା ସତ୍ତ୍ୱେ କର୍ତ୍ତୃପକ୍ଷ ଚୁପ୍

**ନୂଆପଡ଼ା/ଖଡିଆଳ, ୪।୩(ସମିସ):** ଦୁର୍ଘଟଣାକୁ ରୋକିବାକୁ ବିଭିନ୍ନ ପ୍ରକାର ପ୍ରୟାସ କରାଯାଉଛି; ହେଲେ ଖଡିଆଳ ସହର ମଧ୍ୟରେ ବିଭିନ୍ନ ଜାଗାରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାପ୍ରବଣ ରାସ୍ତା ରହିଥିଲେ ମଧ୍ୟ ସେ ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନାହାନ୍ତି। ସହର ମଧ୍ୟରେ ୱାର୍ଡ ନମ୍ବର ୮ ନିନାପଡ଼ାର ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଦୀର୍ଘ ଦିନ ଧରି ଏକ ବିରାଟ ଗାତ ସୃଷ୍ଟି ହୋଇଛି। ଏଥିଯୋଗୁ ସବୁବେଳେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଏକ ପୁରୁଣା ପୋଲ ରହିଛି। ପୋଲର ମଧ୍ୟ ଭାଗରେ ଭାଙ୍ଗି ଗାତ ସୃଷ୍ଟି ହୋଇଛି। ଧୀରେ ଧୀରେ ଏହା ବଡ ରୂପ ନେବାକୁ ବସିଛି। ପ୍ରତିଦିନ ଦୁର୍ଘଟଣା ଘଟୁଛି। ନିକଟରେ ବିଦ୍ୟାଳୟ ସହ ଅଙ୍ଗନବାଡି କେନ୍ଦ୍ର ରହିଥିବାରୁ ଛାତ୍ରଛାତ୍ରୀ, ଶିଶୁମାନେ ଯାଆସ କରୁଥିବା ସମୟରେ ଏଥିରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ପୋଲ ନିକଟରେ ଦୋକାନ କରିଥିବା ମନୋଜ ମୁଣ୍ଡ ନାମକ ବ୍ୟବସାୟୀ ତଥା ପୂଜକଙ୍କ କହିବାନୁଯାୟୀ ମାସକରେ ୨୦/୨୫ଜଣ ଦୁର୍ଘଟଣାରେ ପଡୁଛନ୍ତି। ଭାଗ୍ୟ ଭଲ ଏ ପର୍ଯ୍ୟନ୍ତ କାହାର ଜୀବନ ଯାଇନି। ଏହା ସ୍ଥାନୀୟ ପ୍ରଶାସନର ପାରିବାପଣିଆ ପ୍ରତି ପ୍ରଶ୍ନ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ୧୨ନମ୍ବର ୱାର୍ଡର ମାଁ ଭଗବତୀ ମନ୍ଦିର ସମ୍ମୁଖରେ ମଧ୍ୟ ୩/୪ ବର୍ଷ ହେଲା ଏକ ବିରାଟକାୟ ହମ୍ପ ରହିଛି। ଏଥିରେ ବହୁ ଲୋକ ଦୁର୍ଘଟଣାଗ୍ରସ୍ତ ହେଲେଣି। ଏହା ସହର ଦେଇ ସିନାପାଲିକୁ ଯିବାକୁ ବାଇପାସ୍ ରାସ୍ତା ହୋଇଥିବାରୁ ପ୍ରତିଦିନ ଶତାଧିକ ଗାଡି ମୋଟର ଯାଆସ କରେ। ଏଥିରେ ବଡ ଧରଣର ଅଘଟଣକୁ ଏଡାଇଦିଆଯାଇ ନ ପାରେ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ଏହାକୁ ହଟାଇବାକୁ ପଡ଼ାବାସୀ ଦାବି କରିଛନ୍ତି।



# ୫୦୦ରୁ ଊର୍ଦ୍ଧ୍ୱ ଦେଲେନି ମାଟ୍ରିକ ପରୀକ୍ଷା

**ଭବାନୀପାଟଣା, ୪।୩ (ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତ ମାଟ୍ରିକ ପରୀକ୍ଷାରେ ପ୍ରତିଦିନ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନ ଥିବା ଉଦବେଗର କାରଣ ହୋଇଛି। ଅତୀତରେ ଅର୍ଥନୈତିକ ଓ ଶିକ୍ଷାଗତ ରୂପେ ଦୁର୍ବଳ ଥିବା ଶିକ୍ଷାନୁଷ୍ଠାନ ଗୁଡିକରେ ଗୁଣବତ୍ତାଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ପ୍ରତି ରାଜ୍ୟ ସରକାର ସବୁ ପ୍ରକାର ଚେଷ୍ଟା କରିଆସୁଛନ୍ତି। ତଥାପି ମାଟ୍ରିକ ପରୀକ୍ଷାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଲେ କାହିଁକି ବୋଲି ପ୍ରଶ୍ନ ଉଠୁଛି। କାଁ ଭାଁ ଗୋଟିଏ ଦୁଇଟି ଘଟଣାକୁ ବାଦ ଦେଲେ କଳାହାଣ୍ଡି ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହିତ ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ଏଥର ମାଟ୍ରିକ ପରୀକ୍ଷାରେ ୨୨, ୭୮୨ ଜଣ ପରୀକ୍ଷାର୍ଥୀ ୧୩୪ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବା କଥା। କିନ୍ତୁ ଆରମ୍ଭରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଗୃହରେ ପାଦ ମାଡି ନ ଥିବା ଜଣାପଡ଼ିଛି। ଏକ୍ସ ରେଗୁଲାର ୮୩ଜଣ ଏବଂ ଷ୍ଟେଟ ଓପନ ସ୍କୁଲ ସେକେଣ୍ଡାରୀ ସାର୍ଟିଫିକେଟ ଜରିଆରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ସ୍ଥିର ହୋଇଥିଲା। ଆଶ୍ଚର୍ଯ୍ୟର କଥା କାହିଁକି ପିଲାମାନେ ପରୀକ୍ଷା ଦେଲେନାହିଁ ସେ ସମ୍ପର୍କରେ କାହାରି ପାଖରେ ସଠିକ ଉତ୍ତର ନାହିଁ। ପରୀକ୍ଷାରେ କପିକୁ ରୋକିବା ଲାଗି ସ୍କ୍ୱାର୍ଡ ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। କେବଳ ଶିକ୍ଷା ବିଭାଗ ନୁହେଁ, ତହସିଲଦାରଙ୍କ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତ ଉଚ୍ଚ ପଦାଧିକାରୀମାନେ ପରୀକ୍ଷା ପରିଚାଳନା ପ୍ରତି ଧ୍ୟାନ ରଖୁଥିଲେ। ସମସ୍ତଙ୍କ ମନରେ ଗୋଟିଏ କଥା ଯେ ପିଲାମାନେ ପରୀକ୍ଷା ଦେବାକୁ ଆସିଲେ ନାହିଁ କାହିଁକି। ମାଟ୍ରିକ ପରୀକ୍ଷା ଆରମ୍ଭ ଦିନ ୫୭୫ଜଣ ପରୀକ୍ଷା ଦେଇ ନ ଥିବାବେଳେ ଶେଷ ଦିନ ମଧ୍ୟ ୫୬୧ ଜଣ ପରୀକ୍ଷାର୍ôଥ ଅନୁପସ୍ଥିତ ଥିଲେ। ବାକି ଅନ୍ୟଦିନ ଗୁଡିକରେ ଅର୍ଥାତ ଗତମାସ ୨୩ ତାରିଖରେ ୫୨୯, ୨୬ ତାରିଖରେ ୫୪୭, ୨୮ ତାରିଖରେ ୫୪୮, ମାର୍ଚ୍ଚ ୨ରେ ୫୪୭ ଜଣ ଓ ୪ ତାରିଖରେ ସମାନ ସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଅନୁଧ୍ୟାନ ସମୟରେ କେହି କେହି କହିଲେ ବର୍ଷ ତମାମ ନିର୍ଦ୍ଦିଷ୍ଟ କିଛି ଛାତ୍ର ଛାତ୍ରୀ ସ୍କୁଲକୁ ଆସୁନାହାନ୍ତି। ଆଉ କିଏ କହିଲା ବାପା ସହିତ କାମ କରିବାକୁ ସୁରାଟ ଓ ରାଜ୍ୟ ବାହାରର ଅନ୍ୟ ଜାଗାରେ ପରିଶ୍ରମ କରି ରୋଜଗାର କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନବମ ଶ୍ରେଣୀରୁ ମାଟ୍ରିକ ପରୀକ୍ଷା ଲାଗି ସ୍କୁଲରେ ମାଗଣାରେ ଫର୍ମ ପୂରଣ କାର୍ଯ୍ୟ କରାଯାଉଛି। ତେଣୁ ବୋର୍ଡ ମଧ୍ୟ ସେ ଅନୁପାତରେ ବିଚାର କରି ପ୍ରଶ୍ନପତ୍ର ସହିତ ଆନୁସଙ୍ଗିକ ବ୍ୟବସ୍ଥା ହାତକୁ ନେଉଛି। ବାସ୍ତବରେ ଯେଉଁମାନେ ପରୀକ୍ଷା ପାଇଁ ନିଜର ଅନିଚ୍ଛାଭାବ ପ୍ରକାଶ କରୁଛନ୍ତି ସେମାନଙ୍କୁ ମୂଳରୁ ଗ୍ରହଣ କରିବାର ନ ଥିଲା। ତେବେ ପିଲାମାନଙ୍କ ପାଇଁ ପ୍ରମୁଖ ପ୍ରତିବନ୍ଧକର କାରଣ କଣ? ତାହା ବାସ୍ତବିକ ଅନୁଧ୍ୟାନ ସାପେକ୍ଷ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ମେଧାଶକ୍ତି ସୃଷ୍ଟି କରିବା ନୁହେଁ, ସୃଜନଶକ୍ତି ଠାରୁ ଆରମ୍ଭକରି ପ୍ରତିଭାର ବିକାଶ ଓ କଳା କୌଶଳରେ ନିଜର ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ସମସ୍ତ ଯୋଜନା ପ୍ରଣୟନପୂର୍ବକ ଅହରହ ଚେଷ୍ଟା ଜାରି ରଖିଥିବା ବେଳେ ପରୀକ୍ଷାରେ ଶହ ଶହ ଛାତ୍ରଛାତ୍ରୀ ପରୀକ୍ଷାକୁ ନ ଆସିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି। ବର୍ତ୍ତମାନ ପାଇଁ ସ୍ଥିତିକୁ ସୁଦୃଢ଼ କରାଯାଇ ଭବିଷ୍ୟତ ସୁରକ୍ଷାର ପନ୍ଥା ନିର୍ଦ୍ଧାରଣ କରୁଥିବାରୁ ଶିକ୍ଷା ବିଭାଗ ଏହା ଏକ ଶିକ୍ଷା ହେଉ ଏଭଳି ମତପ୍ରକାଶ ପାଇଛି।

**ଛାତ୍ରଛାତ୍ରୀ ଗଲେ କୁଆଡ଼େ ?**

## କାର୍ ଧକ୍କାରେ ବାଇକ୍ ଚାଳକ ସଙ୍କଟାପନ୍ନ

**ହାତୀବନ୍ଧା, ୪।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଦେଇ ଯାଇଥିବା ହାତିବନ୍ଧା-ଧର୍ମଗଡ଼ ବିଜୁ ପକ୍କା ରାସ୍ତାରେ ଦୁର୍ଘଟଣା ଘଟିଛି। ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବାଇକ୍ ଚାଳକ ଜଣକ ହେଲେ ମହାଲିଙ୍ଗ ଝିକିପରାର ରାଜକୁମାର ନାଗ। ତାଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତିର୍ କରାଯାଇଛି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

**ହାତୀବନ୍ଧା, ୪।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଚରାଭଟାରେ ମା' ଭଣ୍ଡାର ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳ ଚଚରାଭଟା ମହାବନ୍ଧ ଖେଳ ପଡ଼ିଆରେ ଖେଳାଯିବ। ୧୬ଟି ଦଳକୁ ନେଇ ଖେଳ ଆରମ୍ଭ ହେବ। କମିଟି ସଭାପତି ଭାବେ ବିଘ୍ନରାଜ ତାଣ୍ଡି, ସମ୍ପାଦକ ଭାବେ ଭୀମରାଜ ତାଣ୍ଡି, ଯୁଗ୍ମ ସଭାପତି ଭାବେ ବଣକୁ ଛତ୍ରିଆ, ସହସମ୍ପାଦକ ଭାବେ ଡିସମ୍ବର ଛତ୍ରିଆଙ୍କୁ ମନୋନୀତ କରାଯାଇଛି।

## ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର

**କୋକସରା, ୪।୩(ସମିସ):** କୋକସରା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ମୁକୁଳା ଅବସ୍ଥାରେ ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ଏହା ଫଳରେ ଚିକିତ୍ସା ନିମନ୍ତେ ଆଣୁଥିବା ଗୃହପାଳିତ ପଶୁଙ୍କ ସହ ଲୋକଙ୍କ ପ୍ରତି ମଧ୍ୟ ବିପଦ ରହିଛି। ଏଣୁ ଏଠାରେ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଏହି ମୁକୁଳା ଟ୍ରାନ୍ସଫର୍ମରକୁ ବାଡ ବ୍ୟବସ୍ଥା କରିବା ଆବଶ୍ୟକ। ଏହି ବିଷୟରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଶିଘ୍ର ବାଡର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



DADLS-99



ଓଡ଼ିଶା ସରକାର

ମହାନ ଜନନାୟକ
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ଏବଂ
ପଞ୍ଚାୟତିରାଜ ଓ ଲୋକସେବା ଦିବସ
ତା.୦୫.୦୩.୨୦୨୪
ଜୟଦେବ ଭବନ, ଭୁବନେଶ୍ୱର

ପୂର୍ବାହ୍ନ ୧୧ ଘଟିକା : ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟନ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଭାପତି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ସମ୍ମାନନୀୟ ଅତିଥି ବୃନ୍ଦ – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ସୁଶୀଲ କୁମାର ଲୋହାନୀ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ବିଭିନ୍ନ ପୁରସ୍କାର ପ୍ରଦାନ ଏବଂ ୱେବ୍ ଆପ୍‌ର ଲୋକାର୍ପଣ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ସାଥୀ
'ମୋକ୍ଷ ରିଦମ୍ ଏଣ୍ଡ ର୍ୟାମ୍' ନୃତ୍ୟ ଦଳ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିବେଦକ
ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR - 15001/13/0643/2324

**ନୂଆଗାଁ ପଞ୍ଚାୟତକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ହସ୍ତାନ୍ତର ଦାବି**

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

**କଲମପୁର, ୪।୩(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ହିତାଧିକାରୀମାନେ ନିଜ ପଞ୍ଚାୟତ ଠାରେ ରାସନ ସାମଗ୍ରୀ ଯୋଗାଇ ଦେବା ନେଇ ପଞ୍ଚାୟତକୁ ସୋମବାର ତାଲା ପକାଇଛନ୍ତି। ସୂଚନା ଅନୁସାରେ ଗତ ୨୦୧୭ ମସିହା ପଞ୍ଚାୟତ ପୁନଃର୍ଗଠନ ସମୟରେ ମଣ୍ଡଳ ପଞ୍ଚାୟତ ଠାରୁ ନୂଆଗାଁ, ନାଏକଗୁଡ଼ା, ଭାଲୁବୁଡ଼ା ଏବଂ ବିନ୍ଧାନିଗୁଡା ଗ୍ରାମକୁ ବାଦ ଦିଆଯାଇଥିଲା। ଏହି ୪ଗୋଟି ଗ୍ରାମକୁ ନେଇ ନୂଆଗାଁ ପଞ୍ଚାୟତ ଗଠନ ହୋଇଥିଲା। ବର୍ତ୍ତମାନ ନୂଆଗାଁ ପଞ୍ଚାୟତର ନୂତନ କାର୍ଯ୍ୟାଳୟ କୋଠା ସମେତ ଗୋଦାମ ଘର ନିର୍ମାଣ ହୋଇସାରିଛି। କିନ୍ତୁ ପଞ୍ଚାୟତର ହିତାଧିକାରୀମାନଙ୍କୁ ପଞ୍ଚାୟତଠାରୁ ରାସନ ଯୋଗାଇବା ପରିବର୍ତ୍ତେ ପୁରୁଣା ମଣ୍ଡଳ ପଞ୍ଚାୟତରୁ ରାସନ ଯୋଗାଇ ଦିଆଯାଉଛି। ଫଳରେ ରାସନ ଆଣିବା ପାଇଁ ବୃଦ୍ଧ ବୃଦ୍ଧାଙ୍କ ସମେତ ଭିନ୍ନକ୍ଷମମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତବାସୀଙ୍କ ପକ୍ଷରୁ ନୂଆଗାଁଠାରେ ରାସନ ସାମଗ୍ରୀ ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲେ ମଧ୍ୟ କେହି ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ରାଧାମୋହନ ସାହୁ, ମହେନ୍ଦ୍ର ଯୋଷୀ, ପରମାନନ୍ଦ ସାହୁ, କିଶୋର ହଂସ, ଲଛମନ ଚଣ୍ଡି, ନୃପ ଚଣ୍ଡି, ସୁରେଶ ଚଣ୍ଡି, ମୋହନ ନିଆଲ, ଗୋବିନ୍ଦ ଣ୍ଡସେନାଙ୍କ ସମେତ ଶତାଧିକ ପଞ୍ଚାୟତ ବାସୀ ସାମିଲ ରହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।

## ଅଲ୍ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେସନ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ




**କେସିଙ୍ଗା/ଉତ୍କେଲା, ୪।୩ (ସମିସ):** ଅଲ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେସନ କଳାହାଣ୍ଡି ଦ୍ୱାରା କର୍ଲାପଡ଼ାଠାରେ ବୁଦ୍ଧିଜୀବୀ ଓ କାର୍ଯ୍ୟକାରିଣୀର ଏକ ଆଲୋଚନାଚକ୍ର ଓ ନିର୍ବାଚନରେ ଏସ୍‌ସି ସମାଜର ଭୂମିକା ଉପରେ ଆଲୋଚନା ହୋଇଯାଇଛି। ବୁଦ୍ଧିଜୀବୀ ପ୍ରଫୁଲ୍ଲ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ବିଜୟରାଜ ଶିଖା, ସଭାପତି ଧନଞ୍ଜୟ ଦୀପ, ଆଇନ ପରାମର୍ଶଦାତା ଛବିଲାଲ ନିଆଲ, ମହାସଚିବ ଯତୀନ୍ଦ୍ର କର, ଜିଲ୍ଲାର ମହିଳା ସଭାନେତ୍ରୀ ସୁଭଦ୍ରା ଆଜାଦ, ଜିଲ୍ଲା ସାମାଜିକ ମୁଖ୍ୟ ଧବଳେଶ୍ୱର ବାଗ, ଉପମୁଖ୍ୟ ଗିରିଜା ବେହେରା, ବାଲ୍ମୀକି ସମାଜର ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲ୍ଲା ଯୁବ ମୁଖ୍ୟ ତେଜରାଜ ବେହେରା, ଉପଦେଷ୍ଟା ଶତ୍ରୁଘ୍ନ ନାଏକ, ବଳରାମ ଦୁର୍ଗା ମଞ୍ଚାସୀନ ଥିଲେ। କୋକସରା ସଭାପତି କୌଶିକ ଦୁରିଆ, ଏନ୍‌ଏସି ସଭାପତି ବିଷ୍ଣୁ ମଙ୍ଗରାଜ, ରାମପୁର୍ ବ୍ଲକର ସଭାପତି ବୃନ୍ଦାବନ ନାଗ, ନର୍ଲା ସଭାପତି ରଘୁନାଥ ଦୀପ, ଯୁଧିଷ୍ଠିର ଭକ୍ତ, ଡମ୍ବରୁଧର କରୁଆ, ବାବୁଲି ସୁନା, ଗଗନ ନାଏକ, ନିରାକର ବାଗଙ୍କ ସମେତ କଳାହାଣ୍ଡିର ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ହୋଇଥିଲେ। ଜିଲ୍ଲା ସମ୍ପାଦକ ଜୟପ୍ରକାଶ ଜାଲ ମଞ୍ଚ ପରିଚାଳନା କରିଥିଲେ।

### ଭବାନୀପାଟଣାରେ ନବଜାତ ଶିଶୁଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# 'କନ୍ୟା ସୁରକ୍ଷା କବଚ' ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଭବାନୀପାଟଣା, ୪।୩(ସମିସ)**

ସଦର ମହକୁମାସ୍ଥିତ ଜିଲ୍ଲା ଚିକିତ୍ସାଳୟ ପରିସରରେ ଥିବା ଏମସିଏଚ କୋଠାଠାରେ ଭାରତ ସରକାରଙ୍କ ଅଧିନସ୍ଥ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ନବଜାତ ଶିଶୁକନ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଏବଂ କନ୍ୟା ସୁରକ୍ଷା କବଚ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପି ଅନ୍ୱେଶା ରେଡ୍ଡୀ ଉଦଘାଟନ କରିଥିଲେ। ଏହି ଅବସରରେ ସେ କନ୍ୟାସନ୍ତାନମାନଙ୍କ ପିତାମାତାଙ୍କୁ ସମ୍ମାନପତ୍ର ଏବଂ କନ୍ୟା ସୁରକ୍ଷା କବଚ ପ୍ରଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା: ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଚିକିତ୍ସା ଅଧିକାରୀ ଡା: ରଞ୍ଜନ ମିତ୍ର, ଜିଲ୍ଲା




ଜନସ୍ୱାସ୍ଥ୍ୟ ଅଧିକାରୀ ଡା: ରାକେଶ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ( ଜାତୀୟ ସ୍ୱାସ୍ଥ୍ୟ ମିଶନ) ଭବାନୀ ଶଙ୍କର ସାହୁ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଶିଶୁ ରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ ସେବିକା ତଥା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କନ୍ୟା ସନ୍ତାନମାନଙ୍କର ୫ ଜଣ ପିତାମାତା ପଳାସ ଗ୍ରାମର ମିନତୀ ତାଣ୍ଡି ଓ ଜମ୍ବେଶ୍ୱର ଦୁର୍ଗା, ଖୋଲାଣ୍ଡୀ ଗ୍ରାମର ନିଲେନ୍ଦ୍ର ମାଝୀ ଓ ଲାବଣ୍ୟ ମାଝୀ, କେରୁମୁଣ୍ଡା ଗ୍ରାମର ଶୁଶିଳା ନାଏକ ଓ ରତ୍ନାକର ବଡକିଆ, ଘୁମେରପଦର ଗ୍ରାମର ଭଜମନୀ ମାଝୀ ଓ ରାଏସିଂ ମାଝୀ ଏବଂ କଲମପୁରର ପଦ୍ମା ହଂସ ଓ ତିରୁନ ସୁରୁଜାଲ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ୧୫୦୦ କନ୍ୟା ସନ୍ତାନ ତଥା ସେମାନଙ୍କର ପିତାମାତାଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ସମ୍ମାନିତ କରାଯାଇ ସାମାଜିକ ସ୍ତରରେ କନ୍ୟାସନ୍ତାନ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲିଙ୍ଗଗତ ବୈଷମ୍ୟତା ଭଳି ଭେଦଭାବକୁ ଦୂର କରିବା ପାଇଁ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଜରିଆରେ ସଚେତନତା ସୃଷ୍ଟି କରିବାର ଏକ ପ୍ରୟାସ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଗୁଣପୁରକୁ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଦାବି ନେଇ ପ୍ରସ୍ତୁତି ବୈଠକ

**ଥୁଆମୂଳ ରାମପୁର, ୪।୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକକୁ ବିଭାଜନ କରି ଗୁଣପୁରକୁ ଏକ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଆଞ୍ଚଳିକ ବିକାଶ ପରିଷଦ ନିଷ୍ପତ୍ତି ନେଇଥିବା ବେଳେ କାର୍ଯ୍ୟକ୍ରମର ଆବାହକ ରଥ ଦୁରିଆଙ୍କ ନେତୃତ୍ୱରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗୁଣପୁର ଗ୍ରାମ ପଞ୍ଚାୟତ ସମେତ କାଣିଗୁମା, ନାକୁରୁଣ୍ଡି, ତଲାମପଦର, କର୍ଲାପାଟ, କିଆପଦର, କେରପାଇ, ସିଲେଟ୍ ଏବଂ ଥୁଆମୂଳ ପ୍ରମୁଖ ୯ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ସ୍ୱତନ୍ତ୍ର ଗୁଣପୁର ବ୍ଲକ ଗଠନ କରାଯିବା ନିମନ୍ତେ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କଳାହାଣ୍ଡି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ବିଶିଷ୍ଟ ଶିକ୍ଷାବିତ ଡ: ଅଜୟ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ




ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡା, ପ୍ରକୃତିବନ୍ଧୁ ଡୋଲମଣି ସାହୁ ପ୍ରମୁଖ ଉପସ୍ଥିତ ରହି ନୂତନ ବ୍ଲକ ଗଠନର ପରିକଳ୍ପନାକୁ କିପରି ବାସ୍ତବତାରେ ପରିଣତ କରିହେବ ସେନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଥୁଆମୂଳ ରାମପୁର ବ୍ଲକରେ ୨୪ ଗୋଟି ଗ୍ରାମ ପଞ୍ଚାୟତ ରହିଛି। ଏସବୁ ପଞ୍ଚାୟତ ମଧ୍ୟରେ ଅନେକ ଦୁର୍ଗମ ଅଞ୍ଚଳ ରହିଛି। ସେଠିକାର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି। ଯଦି ଗୁଣପୁରକୁ ବ୍ଲକର କେନ୍ଦ୍ରସ୍ଥଳ କରାଯାଏ ତେବେ ଏହି ୯ ଗୋଟି ପଞ୍ଚାୟତବାସୀଙ୍କୁ ପୂର୍ବ ଭଳି ହଇରାଣ ନ ହୋଇ ବିଭିନ୍ନ ସରକାରୀ ସୁବିଧା ହେଇପାରିବ। ବ୍ଲକ ଗଠନ ହେଲେ ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ସାଧାରଣ ବ୍ୟବସ୍ଥାର ବିକାଶ ହେଇପାରିବ। ଏଠାରେ ବ୍ଲକ ସ୍ତରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିବ। ଏହି ସବୁ ପଞ୍ଚାୟତବାସୀ ସୀମିତ ପରିସୀମା ଭିତରେ ସମସ୍ତ ସରକାରୀ ସେବା ପାଇପାରିବେ ବୋଲି ଡଃ ଶ୍ରୀ ମିଶ୍ର ମତାମତ ପ୍ରଦାନ କରିଥିଲେ। ଏହି ଅଞ୍ଚଳରେ ବକ୍ସାଇଟ ଭଳି ଅନେକ ଖଣି ରହିଛି। କର୍ଲାପାଟ ଅଭୟାରଣ୍ୟ ସହିତ ଇନ୍ଦ୍ରାବତୀ ଏବଂ ନାଗାବଳୀ ନଦୀ ଭଳି ଅନେକ ନଦୀ ଓ ଝରଣାର ଉତ୍ପତ୍ତି ହେଇଛି। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଏସବୁ ପ୍ରାକୃତିକ ସମ୍ପଦର ଯଦି ସଦ୍ ବିନିଯୋଗ କରାଯିବ ତେବେ ଅଞ୍ଚଳର ଉନ୍ନତି ହେବା ସହିତ ଲୋକେ ଉପକୃତ ହୋଇପାରିବେ ବୋଲି ଡଃ ଶ୍ରୀ ମିଶ୍ର କହିଥିଲେ। ଏଥି ସହିତ ସମସ୍ତ ପଞ୍ଚାୟତର ନେତୃବୃନ୍ଦଙ୍କୁ ନେଇ ଏକ କମିଟି ଗଠନ କରାଯିବା ଏବଂ ପଞ୍ଚାୟତ ସ୍ତରରେ ମଧ୍ୟ ଉପ କମିଟି ଗଠନ କରି ଦାବି ପୂରଣ ନେଇ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ ସହିତ ଆନ୍ତରିକ ସହଯୋଗ ଆବଶ୍ୟକ ରହିଛି ବୋଲି ଉପସ୍ଥିତ ଅତିଥି ଗଣ ମତାମତ ଦେଇଛନ୍ତି।

## ଶୃଙ୍ଖଳିତ ଭାବେ ସରିଲା ମାଟ୍ରିକ ପରୀକ୍ଷା

**କୋକସରା, ୪।୩(ସମିସ):** ଗତ ୨୦ ତାରିଖରୁ ଚାଲିଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା ସୋମବାର କୋକସରା ବ୍ଲକରେ ଶାନ୍ତିଶୃଙ୍ଖଳା ସହ ସରିଛି। ଚଳିତ ବର୍ଷ କୋକସରା ବ୍ଲକର ୯ ଗୋଟି କେନ୍ଦ୍ରରେ ୨୨ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୧୫୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ଥିଲା। ସେଥି ମଧ୍ୟରୁ ପରୀକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟର ୩୨ଜଣ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତ ରହିଛନ୍ତି। ତେବେ ମୋଟ ୧୫୧୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଶୃଙ୍ଖଳାର ସହିତ ସମାପନ ହୋଇଥିବାବେଳେ କୌଣସି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ମାଲପ୍ରାକ୍ଟିସ୍ ହୋଇ ନ ଥିବା ନେଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଦୁଇ ମୋବାଇଲ ଚୋର ଗିରଫ

**କେସିଙ୍ଗା, ୪।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ ଦୁଇ ଜଣ ମୋବାଇଲ ଚୋରଙ୍କୁ ଗିରଫ କରିବା

**● ଲାପ୍‌ଟପ୍ ଓ ମୋବାଇଲ ଜବତ**



ସହ ସେମାନଙ୍କ ନିକଟରୁ ଗୋଟିଏ ଚୋରା ଲାପ୍‌ଟପ୍ ଓ ମୋବାଇଲ ଜବତ କରିଛି। ଏଠାରେ ପ୍ରକାଶ ଥାଉ କି ଗତ ତା ୨।୮।୨୦୨୩ ରିଖରେ କେସିଙ୍ଗା ଥାନା ଉତ୍କେଲାରୁ ବସନ୍ତ ମୋବାଇଲ ମରାମତି ଦୋକାନ ଭାଙ୍ଗି ଲାପଟପ୍ ସହିତ ସଜଡ଼ା ପାଇଁ ଆସିଥିବା ମୋବାଇଲ ଚୋରି କରିଥିଲେ। ପୁଲିସ ଏହି ମାମଲାରେ ମିଥୁନ ଶବର ଏବଂ ରୁଦ୍ର ଶବରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା



**ଲାଞ୍ଜିଗଡ଼, ୪।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମ ପଞ୍ଚାୟତ ଅଧିନସ୍ତ ରୁଘାଗୁଡ଼ା ଖେଳପଡ଼ିଆଠାରେ ଏସବିଆଇ ଫାଉଣ୍ଡେସନ ଓ ଗ୍ରାମବିକାଶ ମିଳିତ ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ ଲାଞ୍ଜିଗଡ଼ ବ୍ଲକର ପାହାଡ଼ପଡ଼ାର, ମାଲିଯୁବାଙ୍ଗ, ବେନଗାଁ, ବିଜେପୁର, ଲାଖବାହାଲି ସମେତ ୫ଗୋଟି ପଞ୍ଚାୟତର ବିଭିନ୍ନ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୫୦ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେନଗାଁ ଏସ୍‌ବିଆଇ ଶାଖା ପ୍ରବନ୍ଧକ ସୁବ୍ରତ ମାଝୀ, ଗ୍ରାମ ଉନ୍ନୟନ କମିଟି ସଦସ୍ୟ ଖଗେଶ୍ୱର ନାଏକ, ଗ୍ରାମ ବିକାଶରୁ ସୁନୀଲ କେ.ଥମୋଶ, ସୁଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଉପାନ୍ତ ଅଞ୍ଚଳର ଛାତ୍ର ଛାତ୍ରୀମାନେ ନିଜର ପ୍ରତିଭାକୁ ପ୍ରଦର୍ଶନ କରି କେମିତି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ସହିତ ନିଜର ନେତୃତ୍ୱ ଓ ବ୍ୟକ୍ତିତ୍ୱକୁ ଆଗକୁ ବଢ଼ାଇ ପାରିବେ ବୋଲି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଦିଗଦର୍ଶନ ଦେଇଥିଲେ ଓ କୃତୀ ଛାତ୍ର ଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରୁଘାଗୁଡା ଯୁବସଂଘ କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଗ୍ରାମବିକାଶ ସାଥି ଓ କର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭବାନୀପାଟଣାଠାରେ ଜନଶୁଣାଣି ଶିବିର



**ଭବାନୀପାଟଣା, ୪।୩ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ଗୁରୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୧୬୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୬ଟି ବ୍ୟକ୍ତିଗତ ଓ ୧୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବଳିତ ଥିଲା। ୨୧ଟି ଅଭିଯୋଗର ଦ୍ରୁତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ଜଣଙ୍କୁ ସନ୍ତାନଙ୍କ ପାଠପଢ଼ା, ଚିକିତ୍ସା, ଅକ୍ଷମତା ଚିକିତ୍ସା ଓ ଅନ୍ୟାନ୍ୟ ବାବଦରେ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ବିନିତା ପ୍ରଧାନଙ୍କୁ ୫୦୦୦ ଟଙ୍କା, ଭବାନୀ ମହନନ୍ଦଙ୍କୁ ୨୦୦୦ ଟଙ୍କା, ଜ୍ୟୋତି ଶଙ୍କର ଦାସଙ୍କୁ ୩୦, ୦୦୦ ଟଙ୍କା, କୁନ୍ତଳା ତାଣ୍ଡିଙ୍କୁ ୧୦୦୦ ଟଙ୍କା, ଦମୟନ୍ତୀ ସରାଫଙ୍କୁ ୨୦୦୦ ଟଙ୍କା, ରାମ ନାଗଙ୍କୁ ୧୦୦୦ ଟଙ୍କା, ଜ୍ୟୋତ୍ସ୍ନା ବାଗଙ୍କୁ ୨୦୦୦ଟଙ୍କା ମଞ୍ଜୁର କରାଯାଇଥିଲା।

## ହାଇକୋର୍ଟ ବିଚାରପତିଙ୍କୁ ଧର୍ମଗଡ଼ ଓକିଲ ସଂଘର ସମ୍ବର୍ଦ୍ଧନା

**ଧର୍ମଗଡ଼, ୪।୩(ସମିସ):** ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରାଙ୍କ ଧର୍ମଗଡ଼ ପରିଦର୍ଶନ ଅବସରରେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଚାରପତି ଜଷ୍ଟିସ ବେହେରା ଓ ତାଙ୍କ ଧର୍ମପତ୍ନୀ ସକାଳେ ଧର୍ମଗଡ଼ସ୍ଥିତ ଏସିଆ ପ୍ରସିଦ୍ଧ ପାରଦେଶ୍ୱର ମନ୍ଦିର ଯାଇ ମହାଦେବ ଦର୍ଶନ କରିବା ସହ ବିଶେଷ ପୂଜାର୍ଚ୍ଚନା କରିଥିଲେ। ଧର୍ମଗଡ଼ କୋର୍ଟ ପରିସର ମଧୁବାବୁ ଭବନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ବିଚାରପତି ଜଷ୍ଟିସ ବେହେରା ପୂର୍ବରୁ ଅତିରିକ୍ତ ଜିଲ୍ଲା ଦୌରାଜଜ ଭାବେ ଧର୍ମଗଡ଼ରେ ନ୍ୟାୟିକ ସେବା ପ୍ରଦାନ ସମୟର ଅନୁଭୂତି ବର୍ଣ୍ଣନା କରିବା ସହ ସ୍ଥାନୀୟ ଓକିଲ ସଂଘର ଭାଇଚାରା ଓ ଆତିଥ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀମତୀ ବେହେରା ମଧ୍ୟ ଅନୁରୂପ ଭାବେ ସଂଘକୁ ପ୍ରଶଂସା କରିବା ସହ ସମ୍ପୃକ୍ତ ଅନେକ ଘଟଣାବଳୀର ଉପସ୍ଥାପନା କରି ଅଞ୍ଚଳ ପ୍ରତି ରହିଥିବା ଅନୁରକ୍ତିକୁ ପ୍ରକାଶ କରିଥିଲେ। ସରକାରୀ ଓକିଲ ରାଜେନ୍ଦ୍ର ମୁନି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଚିନ୍ତାମଣି ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତୁଷାର ରଞ୍ଜନ ପଟ୍ଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଦୌରାଜଜ ବିଶ୍ୱବିସ୍ମୃତ କର ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପାରମିତା ସ୍ୱାଇଁ ଉପସ୍ଥିତ ଥିଲେ। ଓକିଲ ସଂଘର



ସଭାପତି ପ୍ରସନ୍ନ କୁମାର ଅଗସ୍ତି, ସମ୍ପାଦକ ବିଶ୍ୱନାଥ ମୁଣ୍ଡ, ଉପସଭାପତି ବିନୋଦ ନାୟକ, ସହ ସମ୍ପାଦକ ଜୟଦ୍ରଥ ମହାନନ୍ଦ ଓ ଅନ୍ୟାନ୍ୟ ପଦାଧିକାରୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ବରିଷ୍ଠ ସଦସ୍ୟ ସୁନୀଲ କୁମାର ପାଢ଼ୀ, ଲଳିତ କିଶୋର ପଣ୍ଡା, ଭବାନୀ ଚରଣ ଦାସ, ସନ୍ତୋଷ କୁମାର ମେହେର, ଲିଙ୍ଗରାଜ ବେହେରା, ଧୀରେନ୍ଦ୍ରନାଥ ପାତ୍ର, ଦେବୀ ପ୍ରସାଦ ବେହେରା, ଥବିର ପ୍ରସାଦ ସାହୁ, ସୁମନ୍ତ କୁମାର ପଣ୍ଡା, ମିହିର ରଞ୍ଜନ ପଟ୍ଟଯୋଷୀ, କୃପାସିନ୍ଧୁ ପଣ୍ଡା, କମଳିନୀ ରଥ, ସଂଯୁକ୍ତା ପଣ୍ଡା, ରଶ୍ମିତା ମହାନନ୍ଦ, କଲ୍ୟାଣୀ ନାଏକ, ପୂର୍ଣଚନ୍ଦ୍ର ନାଗ, ହରିଶ୍ଚନ୍ଦ୍ର ବାଗ, ଅଜିତ ସାହୁ, ଭାବନୀ ଶଙ୍କର ପଣ୍ଡା, ସନ୍ତୋଷ ପାତ୍ର, ଆଶୁତୋଷ ପାତ୍ର, ଅଶୋକ ପୁରୋହିତ, ସମୀର ମୁଣ୍ଡ ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ଥିଲେ।

# ଘୋଷଣାର ୧୫ ବର୍ଷ ପରେ ହେବ ଲୋକୋମୋଟିଭ୍ ୱାର୍କସପ୍‌ର ଶିଳାନ୍ୟାସ

**ନର୍ଲା, ୪।୩(ସମିସ)**

କଳାହାଣ୍ଡି ଜିଲ୍ଲା ନର୍ଲାଠାରେ କେନ୍ଦ୍ର ରେଳ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତାବିତ ଲୋକୋମୋଟିଭ୍ ୱାର୍କସପ୍ (ବିଦ୍ୟୁତ୍ ଇଞ୍ଜିନ୍ ମରାମତି କାରଖାନା) ସ୍ଥାପନ ନେଇ ବର୍ତ୍ତମାନ ସୂଚନା ମିଳିଛି। ୧୫ ବର୍ଷର ବିଳମ୍ବ ହେଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ଏହାର ଶିଳାନ୍ୟାସ ହେବାର କାର୍ଯ୍ୟକ୍ରମ ଥିବା ସମ୍ବଲପୁର ରେଳବାଇ ଲୋକ ସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ସୂଚନା ଦେଇଥିବା ବେଳେ ସୋମବାର ସମ୍ବଲପୁର ଡିଆରଏମ ତୁଷାରକାନ୍ତି ପାଣ୍ଡେ, ସିନିୟର୍ ଡିସିଏମ୍ ଗାରିମା ତିୱାରୀ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ନର୍ଲାରୋଡ ଷ୍ଟେସନ ଆସି ମଙ୍ଗଳବାର ହେବାକୁ ଥିବା କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ରେଳ ବିଭାଗର



ସୂଚନା ଅନୁଯାୟୀ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ ସମୟରେ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିବେ। କଳାହାଣ୍ଡି ଜିଲ୍ଲା ପାଇଁ ଦୀର୍ଘ ଦିନ ଧରି ଏହି ପ୍ରକଳ୍ପ ଜିଲ୍ଲା ବିକାଶର ସୂତ୍ର ହେବ ବୋଲି ଜିଲ୍ଲାବାସୀ ଆଶା ରଖିଛନ୍ତି। ବିଳମ୍ବରେ ହେଉପଛେ ଏହାର ଶିଳାନ୍ୟାସ ହେବା ସୂଚନା ଅଞ୍ଚଳରେ ଉତ୍ସାହ ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ ୟୁପିଏ ସରକାର ସମୟରେ ୨୦୦୯ରେ ନର୍ଲା ନିକଟସ୍ଥ ଚପଟଖଣ୍ଡା ଠାରେ କେନ୍ଦ୍ର ରେଳ ମନ୍ତ୍ରାଳୟ ତରଫରୁ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ ଦିନେଶ ତ୍ରିବେଦୀ ଏକ ରେଳ ଇଞ୍ଜିନ୍ ମରାମତି କାରଖାନା ସ୍ଥାପନ ପାଇଁ ଘୋଷଣା କରିଥିଲେ। ହେଲେ ସେହି ସମୟରୁ ରାଜନୈତିକ ଷଡ଼ଯନ୍ତ୍ର ଓ ଅଭିସନ୍ଧି ଏହି ପ୍ରକଳ୍ପର ରାସ୍ତା ଅବରୋଧ କରିଆସିଥିଲା। ଏହାକୁ ଆୟୁଧ କରି ବିଭିନ୍ନ ରାଜନୈତିକ ନେତୃବୃନ୍ଦ ସେହି ସମୟରୁ ଫାଇଦା ହାସଲ ପାଇଁ ଚେଷ୍ଟା କରିଆସିଛନ୍ତି।

**● ବିଜେପିର ନିର୍ବାଚନୀ ଭେଳିକି ନୁହେଁ ତ?**

ରାଜନୈତିକ ଷଡ଼ଯନ୍ତ୍ର ଶିକାର କଳାହାଣ୍ଡିର ଉକ୍ତ ପ୍ରକଳ୍ପ ପ୍ରଥମେ ଗଞ୍ଜାମ ଜିଲ୍ଲା ଶିତଲାପଲୀ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର ହେଲା। ୨୦୧୪ରେ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଗଠନ ହେଲା ଓ ପରେ ୨୦୧୯ରୁ ବିଜେପି ତରଫରୁ କଳାହାଣ୍ଡିରୁ ବସନ୍ତ ପଣ୍ଡା ସାଂସଦ ହେଲେ। ଦୀର୍ଘ ବର୍ଷ ଧରି ଜିଲ୍ଲାବାସୀ ଉକ୍ତ ପ୍ରକଳ୍ପ ନେଇ ସଂଶୟରେ ରହିଥିବା ବେଳେ କେନ୍ଦ୍ର ରେଳମନ୍ତ୍ରୀ ଭାବରେ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ଗ୍ରହଣ କରିଥିଲେ। ଯାହାର ପ୍ରଭାବ ରାଜ୍ୟ ତଥା କଳାହାଣ୍ଡିବାସୀଙ୍କ ମଧ୍ୟରେ ଆଶା ସଂଚାର କରିଥିଲା। ସେ ମଧ୍ୟ ଏହି ପ୍ରକଳ୍ପର ସମୀକ୍ଷା କରିବା ସହ ସ୍ୱତନ୍ତ୍ର ଅଟକଳ ପ୍ରସ୍ତୁତ କରିବା, ଜଙ୍ଗଲ ଜମି ଅନୁମୋଦନ ଓ ଗ୍ରାମସଭା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାରଖାନା ପାଇଁ ଆବଶ୍ୟକ ୩୨୮.୮୧ ଏକର ଜମି ମଧ୍ୟରୁ ପ୍ରାୟ ୩୦୦ ଏକରରୁ ଅଧିକ ଜମି ଅଧିଗ୍ରହିତ ହୋଇସାରିଛି। ପୂର୍ବରୁ ୭ କୋଟି ଟଙ୍କା ଟୋକନ୍ ଆକାରରେ ଦିଆଯାଇଥିବା ବେଳେ ଚଳିତ ବଜେଟରେ ୧୦ କୋଟି ଟଙ୍କା ଦିଆଯାଇଛି। ୧୫ ବର୍ଷ ମଧ୍ୟରେ ପ୍ରକଳ୍ପ ପାଇଁ ପର୍ଯ୍ୟାୟ କ୍ରମେ ମୋଟ ୧୭ କୋଟି ଟଙ୍କା ଦେଇ କେନ୍ଦ୍ର ସରକାର କଳାହାଣ୍ଡି ଜିଲ୍ଲା ପ୍ରତି ଉପହାସ କରୁଥିବା ଜଣାପଡୁଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ବିଜେପିର ନିର୍ବାଚନୀ ଭେଳିକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।




## ଭ୍ରାମ୍ୟମାଣ ପ୍ରାଣୀ ସେବା ଆମ୍ବୁଲାନ୍ସ ଶୁଭାରମ୍ଭ

**କୋକସରା, ୪।୩(ସମିସ):** ପ୍ରାଣୀଙ୍କର ଜରୁରୀ ଚିକିତ୍ସା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା। ଏହାଦ୍ୱାରା ପୀଡ଼ିତ ଓ ଆହତ ବୁଲା ଗାଇଗୋରୁ ଏବଂ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇହେବ। ପୀଡ଼ିତ ପ୍ରାଣୀମାନଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଏହା ମହତ୍ୱପୂର୍ଣ୍ଣ। ଏହି କ୍ରମରେ ଶନିବାର




କୋକସରା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଏହି ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ୧୯୬୨ ନିଃଶୁଳ୍କ ନମ୍ବରରେ ଫୋନ୍ କଲେ ତୁରନ୍ତ ଏହି ସେବା ଉପଲବ୍ଧ ହେବ ବୋଲି ସୂଚନା ରହିଛି। ଏହି ସେବା ଶୁଭାରମ୍ଭ ସମୟରେ ବିଭିଓ ଡ଼ ସୁଜିତ୍ କୁମାର ଶତପଥୀ, ଏମଭିଓ ଡ଼ ସ୍ମୃତି ରଞ୍ଜନ ଦାସଙ୍କ ସମେତ ଏଲ୍‌ଆଇ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆପଣ ଆଜି ଆମ ଗହଣରେ ନାହାନ୍ତି, ଏ କଥା ଯେତିକି ବିଶ୍ୱାସ ହେଉନି ସେତିକି ଭାବି ହେଉନି ଯେ, ଆପଣଙ୍କର ସ୍ନେହବୋଳା ସମ୍ବୋଧନ ଟିକେ ଶୁଣିବାକୁ ଆଉ ମିଳିବନି । ସେପାରିରେ ଥାଇ ଆପଣ ନିଶ୍ଚିତ ଦେଖି ପାରୁଥିବେ ଏଠିକାର ମାଟି ଗୋଡ଼ି, ପାଣି ପବନ ସତେ ଯେମିତି କିଛି ଗୋଟେ ହରେଇ ଥିବାର ସୂଚନା ଦେଉଛନ୍ତି । ଆପଣଙ୍କ ଅଧୁରା କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସେପାରିରେ ଥାଇ ଆମକୁ ପଥ ପ୍ରଦର୍ଶନ କରି ଆଶୀର୍ବାଦ କରୁଥାନ୍ତୁ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ, ସେ ଆପଣଙ୍କ ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।

**୰ ନୟନ ରଞ୍ଜନ ମହାନ୍ତି**

ଆବିର୍ଭାବ: ୦୬.୦୨.୧୯୩୨ । ତିରୋଧାନ: ୨୪.୦୨.୨୦୨୪

ବଡମଙ୍ଗଳପୁର, ଧର୍ମଶାଳା, ଯାଜପୁର

**ଶୋକସନ୍ତପ୍ତ :-** ପୁଅ, ବୋହୂ: ମନୋରଞ୍ଜନ - ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ, ଜ୍ୱାଇଁ : ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି, ନାତୁଣୀ : ଶାଶ୍ୱତ, ଅଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତି, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା, ବନ୍ଧୁ ଓ ପରିବାରବର୍ଗ

## ଜମିପଟ୍ଟା ପାଇବା ଭୂମିହୀନ ଗରିବଙ୍କ ଅଧିକାର: ସମରେନ୍ଦ୍ର

# ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର, ଜଳଚର କିସମ ପରିବର୍ତ୍ତନ ଦାବି

ବଲାଙ୍ଗିର, ୪।୩(ସମିସ)

ସହରର ଭୂମିହୀନ ଗରିବ ପରିବାରକୁ ସେମାନେ ରହୁଥିବା ଜାଗାରେ ହିଁ ତାଙ୍କର ଜମିପଟ୍ଟା ପ୍ରଦାନ କରାଯାଉ ବୋଲି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ଦାବି କରିଛନ୍ତି। ମହାରାଣୀ ସାଗର ଓ ଲକ୍ଷ୍ମୀପୋର ଭଳି ଜଳଚର ଜାଗାର କିସମ ପରିବର୍ତ୍ତନ କରି ଗରିବମାନଙ୍କୁ ପଟ୍ଟା ପ୍ରଦାନ କରାଯାଉ ଏବଂ ଇନ୍ଦିରାନଗର, ରାଜୀବ ନଗର, ଇଚ୍ଛାପଡ଼ା, ତୁଳସୀନଗର, ଲଳିତ ନଗର, ବିଷ୍ଣୁମୁଣ୍ଡା, ବେହେରାପାଲି, ସତୀପଡ଼ା ଇତ୍ୟାଦି ଅଞ୍ଚଳର ସରକାରୀ ଜାଗାକୁ ଜାଗା ମିଶନ ଯୋଜନା ମାଧ୍ୟମରେ ଗରିବଙ୍କୁ ପଟ୍ଟା ପ୍ରଦାନ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ସମରେନ୍ଦ୍ର ଦାବି କରିଛନ୍ତି। ସଭାରେ ବିଧାୟକ ନରସିଂହ ମିଶ୍ର କହିଥିଲେ ଯେ ବଲାଙ୍ଗିରର ଗରିବ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ପାଇଁ ସେ ବିଧାନସଭା, ଗୃହ କମିଟି ତଥା ନିଜ ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକରେ ମଧ୍ୟ ଅଧିକାରୀଙ୍କୁ ପଦକ୍ଷେପ ନେବା ପାଇଁ କହି ସାରିଛନ୍ତି। ଏହି ଅବସରରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗିର ପୌରାଞ୍ଚଳର ସମସ୍ତ ୱାର୍ଡର ଭୂମିହୀନ ପରିବାର ଯୋଗ ଦେଇଥିଲେ।



## ■ ବିଧାୟକ ନରସିଂହଙ୍କ ଦୋମୁହାଁ ନୀତିର ପ୍ରତିଫଳନ

# ଭୋଟ୍ ପାଇଁ କଂଗ୍ରେସର ପଟ୍ଟା ନାଟକ: ବିଜେଡି

**ବଲାଙ୍ଗିର, ୪।୩(ସମିସ):** ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ୧୦ ବର୍ଷ ହେଲା ରହି ଆସିଥିବା କଂଗ୍ରେସ ବିଧାୟକ ଆଜି କଂଗ୍ରେସ ଲୋକଙ୍କୁ ନେଇ ଯେଉଁ ଆନ୍ଦୋଳନ କରିଛି ଏହା ଦୋମୁହାଁ ନୀତିର ପ୍ରତିଫଳନ ଅଟେ। ଏହା ଭୋଟ୍ ପାଇଁ ପଟ୍ଟା ନାଟକ ବୋଲି ବିଜେଡି ପ୍ରତିକ୍ରିୟା କରିଛି। ବିଧାୟକ ଏବେ କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେଡି ପ୍ରଶ୍ନ କରିବା ସହ ନିଜକୁ ବିକାଶପୁରୁଷ ବୋଲାଇ ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ଗରିବଙ୍କ ଘର ଭଙ୍ଗାଇଛନ୍ତି ବୋଲି ଉଦାହରଣ ମାଧ୍ୟମରେ ବିଜେଡି ଜବାବ ଦେଇଛି। ବ୍ରାହ୍ମଣପଡା ଓ ଇନ୍ଦିରାନଗର ସମେତ ଆହୁରି କିଛି ବସ୍ତି ଅଞ୍ଚଳର ଉଦାହରଣ ଦେଇ ବିଜେଡି ପ୍ରଶ୍ନ କରିଛି ଯେ ଏବେ ପୌରପାଳିକା ଅଧୀନରେ ବିକାଶ କାର୍ଯ୍ୟକୁ ଦେଇ ବିଧାୟକ କାହିଁକି ଅସହ୍ୟ ହୋଇ ପଡୁଛନ୍ତି ? ଭୋଟ ଆସିଲା ବେଳେ ହାରିବା ଭୟରେ ସେ କଂଗ୍ରେସ ଲୋକଙ୍କୁ ନେଇ ଗରିବଙ୍କ ପାଇଁ ପଟ୍ଟା କରାଇଦେବାର ନାଟକବାଜୀ କରୁଛନ୍ତି। ପ୍ରକୃତ କଥା ହେଲା ସେ ସବୁବେଳେ ଦୋମୁହାଁ ନୀତିରେ କାର୍ଯ୍ୟ କରିଥାନ୍ତି। ପୌରପାଳିକାରେ ଗତ ୨୨.୪.୨୦୨୨ରେ ହୋଇଥିବା କାଉନସିଲ ବୈଠକରେ ପ୍ରସ୍ତାବ ନମ୍ବର-୨ରେ ଲୋକଙ୍କ ସହ ଆଲୋଚନା ପରେ ଲକ୍ଷ୍ମୀପୋର ଖଣ୍ଡିରେ ମାତ୍ର ୨୦ଫୁଟ ଉଚ୍ଛେଦ କରାଯିବା ଓ ଇନ୍ଦିରାନଗରର ଗରିବଙ୍କ ଘର ନ ଭାଙ୍ଗିବାକୁ ପ୍ରସ୍ତାବ ପାରିତ କରାଯାଇଥିଲା।



ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ଇନ୍ଦିରାନଗରରେ ଗତ ୧୯୭୦ରୁ ୯୦୦ ପରିବାରର ୬୦୦୦ ଲୋକ ବସବାସ କରିଆସୁଛନ୍ତି। ଏମାନଙ୍କୁ ଉଚ୍ଛେଦ କରା ନଯାଇ ଏଠାରେ କରାଯିବାକୁ ଥିବା ଜିଲ୍ଲାପାଳ କାର୍ଯ୍ୟାଳୟ ଓ କୋର୍ଟ ବିଲଡ଼ିଂ ପ୍ରସ୍ତାବକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ; ଆଜି ବିଜେଡିଦଳର ଏହି ପ୍ରସ୍ତାବକ୍ରମେ ଉଭୟ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛି। ସେହିପରି ମହାରାଣୀସାଗରରେ ଆଜି ୧୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକାଙ୍କ ଜରିଆରେ ୧୨କୋଟି ଟଙ୍କାର ଉନ୍ନୟନ କାମ ଆରମ୍ଭ ହୋଇଛି। ଭୂମିହୀନଙ୍କୁ ବିଷ୍ଣୁମୁଣ୍ଡାଠାରେ ଜମି ଓ ଘର ଦିଆଯାଉଛି। ଶତାଧିକ ଗରିବଲୋକ ଏହି ଯୋଜନାରେ ଲାଭବାନ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# 'ଇନ୍ଦିରାନଗର ହେବ ସହରର ମଡେଲ ଅଞ୍ଚଳ'

**ବଲାଙ୍ଗିର,୪।୩(ସମିସ):** ବଲାଙ୍ଗିର ସହରର ସରକାରୀ ବସ ଟର୍ମିନାଲ ସମ୍ମୁଖରେ ଥିବା ଇନ୍ଦିରାନଗରରେ ଏକ ଅତ୍ୟାଧୁନିକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୂର୍ବତନ ସାଂସଦ ତଥା ରାଜ୍ୟହାଉସିଂ ବୋର୍ଡର ଅଧ୍ୟକ୍ଷ କଳିକେଶନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ୩କୋଟି ଟଙ୍କା ବ୍ୟୟରେ ପୌରାପାଳିକା ପକ୍ଷରୁ ନିର୍ମିତ ହେବାକୁଥିବା ଏହି କଲ୍ୟାଣମଣ୍ଡପର ଶିଳାନ୍ୟାସ କରି କହିଛନ୍ତି ଯେ ବଲାଙ୍ଗିର ସହରର ଇନ୍ଦିରାନଗରକୁ ଏକ ଉନ୍ନତ ମଡେଲ ଅଞ୍ଚଳ କରାଯିବ। ଯେଉଁମାନେ ଚକ୍ରାନ୍ତକରି ଏହି ଅଞ୍ଚଳରୁ ଗରିବଙ୍କ ଘର ଭଙ୍ଗାଉଥିଲେ ସେମାନେ ଆଜି ଭୋଟଆସିଲା ବେଳେ ଲୋକଙ୍କୁ ଜମିପଟ୍ଟା ମଗାଇଦେବାକୁ କହି ଭୁଆଁ ବୁଲାଉଛନ୍ତି। ବିଜେଡିର ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଏହି ଇନ୍ଦିରାନଗର ଅଞ୍ଚଳର ଲୋକଙ୍କର ବିକାଶ ପାଇଁ ଅନେକଗୁଡ଼ିଏ ପ୍ରସ୍ତାବ ଦେଇଛନ୍ତି। ଏହି ପଡାରେ ଥିବା ସମସ୍ତ ମନ୍ଦିରର ବିକାଶ, ରାସ୍ତାଗୁଡିକର ଉନ୍ନତିକରଣ, ଡ୍ରେନ ନିର୍ମାଣ ଚାଲିଛି। ଲୋକଙ୍କୁ ଉଚ୍ଛେଦ ନକରି ମହାରାଣୀ ସାଗରର ଉନ୍ନତିକରଣ କାମ ଆରମ୍ଭ ହୋଇଛି। ଫଳରେ ଆଗକୁ ଏହି ପଡାକୁ ଏକ ମଡେଲ ଅଞ୍ଚଳ କରାଯିବ ବୋଲି କଳିକେଶ କହିଛନ୍ତି। ବଲାଙ୍ଗିର ସହରରେ ଗତ ୩ଦିନ ମଧ୍ୟରେ ପ୍ରାୟ ୧୨କୋଟି ଟଙ୍କାର ଉନ୍ନୟନମୂଳକ କାମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ବୋଲି ପୌରାଧ୍ୟକ୍ଷା ଲିକା ସାହୁ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତଥା ବିଜେଡିସଂପାଦକ ଓଁକାର ନାୟକ ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର, ୮ ନମ୍ବର ୱାର୍ଡସଭ୍ୟା ନନ୍ଦିନୀ ପୋଢ, ସନ୍ତୋଷିନୀ କୁଅଁର ମଞ୍ଚାସୀନ ଥିଲେ। ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇଥିଲେ।




## ଭିଜିଲାନ୍ସ ଜାଲରେ ଆଗଲପୁର ତହସିଲ ଅମିନ

# ପଟ୍ଟା ପାଇଁ ପାଞ୍ଚ ହଜାର ଟଙ୍କା ନେଉଥିଲେ; ଧରିଲା ଭିଜିଲାନ୍ସ

**ବଲାଙ୍ଗିର, ୪।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ତହସିଲରେ ଭିଜିଲାନ୍ସ ଚଢ଼ଉ ହୋଇଛି। ମ୍ୟୁଟେସନ କେସ ପରେ ପଟ୍ଟା ପାଇଁ ତହସିଲରେ କାର୍ଯ୍ୟରତ ସେଟେଲମେଣ୍ଟ ଅମିନ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ଟଙ୍କା ସହ ଗିରଫ କରିଥିବା ଜଣାପଡ଼ିଛି। ଟଙ୍କା ସହ ଅମିନଙ୍କୁ ଭିଜିଲାନ୍ସ ଧରିବା ପରେ ତାଙ୍କ କାର୍ଯ୍ୟାଳୟ ଓ ଘରେ ଭିଜିଲାନ୍ସ ଛାନଭିନ କରୁଥିବା ସୂଚନା ମିଳିଛି।



ବଲାଙ୍ଗିର ଜିଲ୍ଲା ଆଗଲପୁର ତହସିଲରେ କାର୍ଯ୍ୟରତ ସେଟେଲମେଣ୍ଟ ଅମିନ ସଦାନନ୍ଦ ସାହୁଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରିଛି। ଶ୍ରୀ ସାହୁ ଅଭିଯୋଗକାରୀଙ୍କ ମ୍ୟୁଟେସନ କେସ ପରେ ପଟ୍ଟା ପାଇଁ ଲାଞ୍ଚ ମାଗିଥିଲେ। ଗତ ବର୍ଷ ଉକ୍ତ ମ୍ୟୁଟେସନ କେସ ହୋଇଥିବା ବେଳେ ଏହାର ପଟ୍ଟା କରିବା ପାଇଁ ଅଭିଯୋଗକାରୀ ଜଣକ ସେଟେଲମେଣ୍ଟ ଅମିନ ଶ୍ରୀ ସାହୁଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ସାହୁ ଏଦିଗରେ ପଦକ୍ଷେପ ନେବା ବଦଳରେ ଲାଞ୍ଚ ଆଶାରେ ଦିନ ଗଡ଼ାଇ ଚାଲିଥିଲେ। ବାରମ୍ବାର ଅଭିଯୋଗକାରୀ ତହସିଲ ଦୌଡିବା ପରେ ସେ ପାଞ୍ଚ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଜଣକ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ସୋମବାର ଯୋଜନା ମୁତାବକ ଶ୍ରୀ ସାହୁଙ୍କୁ ଅଭିଯୋଗକାରୀ ରସାୟନ ଲଗା ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଟଙ୍କା ଶ୍ରୀ ସାହୁ ଗ୍ରହଣ କରିବା ପରେ ଭିଜିଲାନ୍ସ ଚଢଉ କରି ଉକ୍ତ ଟଙ୍କା ସହ ଶ୍ରୀ ସାହୁଙ୍କୁ ଗିରଫ କରିଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ କେସ ନଂ ୫/୨୦୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଦୁଇଟି ସ୍ଥାନରେ ଚଢଉ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ■ ଦାଦନ ଯାଇଛନ୍ତି ମ୍ୟାଟ୍ରିକ ଛାତ୍ର !

# ଗୋଟିଏ ପରୀକ୍ଷାକେନ୍ଦ୍ରରୁ ଆଉ ୧୮ ଛାତ୍ର ଗଲେ କୁଆଡ଼େ ?

**ସଇଁତଲା, ୪।୩(ସମିସ):** ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା। ରାଜ୍ୟ ବାହାରକୁ ସ୍ଥାନୀୟ ଲୋକ ରାଜ୍ୟ ବାହାରକୁ ଯାଉଥିବାରୁ ବିକାଶରେ ପଛରେ ରହିଯାଇଛି। ସଇଁତଲା ବ୍ଲକ ଟିକ୍ରାପଡ଼ା ଅଞ୍ଚଳରେ ଏଭଳି ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ଚଳିତବର୍ଷ ଟିକ୍ରାପଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ମ୍ୟାଟ୍ରିକ ପରୀକ୍ଷାକେନ୍ଦ୍ର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଡ଼ିଛି। ବିଦ୍ୟାଳୟର ୧୪୭ଟି ଛାତ୍ର ସ୍କୁଲରେ ପରୀକ୍ଷା ଦେବା ପାଇଁ ଆଡ୍‌ମିଟ୍ କାର୍ଡ ପାଇଥିବା ବେଳେ ୧୨୮ ଜଣ ପରୀକ୍ଷାକେନ୍ଦ୍ରରେ ଉପସ୍ଥିତ ରହିଛନ୍ତି। ଆଉ ୧୯ ଜଣ ଛାତ୍ରଛାତ୍ରୀ ଫେବୃଆରୀ ୨୦ ତାରିଖ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭରୁ ପରୀକ୍ଷା ଦେଉନାହାନ୍ତି। ପ୍ରଶ୍ନ ଉଠୁଛି, ଗୋଟିଏ ପରୀକ୍ଷା କେନ୍ଦ୍ରରେ ଏକା ସଂଗେ ଏତେପିଲା ଗଲେ କୁଆଡେ ?






ଦାଦନ ପ୍ରବଣ ସଇଁତଲା ବ୍ଲକର ଟିକ୍ରାପଡ଼ା ଅଞ୍ଚଳକୁ ଦେଖିଲେ ଏହାର ଉତ୍ତର ମିଳିଯାଉଛି। ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ପିଲା ବାହାର ରାଜ୍ୟକୁ ନିଜ ପରିବାର ସହ ଇଟା ଗଢ଼ିବା ପାଇଁ ଯାଇଛନ୍ତି। ଟିକ୍ରାପଡ଼ା ଉଚ୍ଚ ବିଦ୍ୟାଳୟରେ ମ୍ୟାଟ୍ରିକ ପରୀକ୍ଷା ଦେବା ପାଇଁ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲି ଗାଁର ଜଣେ ଛାତ୍ର ପଞ୍ଜିକୃତ କରିଥିଲେ। ପରୀକ୍ଷା ଦେବା ପାଇଁ ସ୍କୁଲକୁ ପ୍ରବେଶ କାର୍ଡ ମଧ୍ୟ ଆସିଛି ହେଲେ ଛାତ୍ର ଜଣକ ପରୀକ୍ଷା ଦେଉନାହାନ୍ତି। ସେ ଦୀର୍ଘ ଦିନହେବ ତାଙ୍କ ପରିବାର ସହ ବାହାର ରାଜ୍ୟ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଛନ୍ତି। ଝରବାହାଲି ଗାଁର ଏହି ଛାତ୍ର ଉଦାହରଣ ମାତ୍ର ଯଦି ବିଦ୍ୟାଳୟର ଆହୁରି ୧୮ ଜଣ ପିଲାଙ୍କ ଅନୁପସ୍ଥିତ କଥା ଯଦି କୁହାଯାଏ ତେବେ ଏ ଭିତରୁ ଅଧିକାଂଶ ପିଲା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ସ୍ପଷ୍ଟ ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ କହନ୍ତି, ପରୀକ୍ଷା ପୂର୍ବରୁ ସବୁ ଛାତ୍ରଙ୍କ ଘରକୁ ଘର ପରୀକ୍ଷା ଦେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଉତ୍ସାହ କରାଯାଇଥିଲା। ଯେଉଁ ଛାତ୍ରମାନେ ଚଳିତବର୍ଷ ପରୀକ୍ଷା ଦେଇନାହାନ୍ତି କିମ୍ବା ଗୋଟିଏ ବର୍ଷ ପରୀକ୍ଷା ଦେଇ ନଥାନ୍ତି ସେଥିପାଇଁ ସରକାର ପକ୍ଷରୁ ସ୍ୱତନ୍ତ୍ର ଯୋଜନା ଅଛି। ପରେ ତାଙ୍କୁ ଏସଆଇଓଏସରେ ତାଙ୍କ ନାମ ଲେଖାଯିବ। ଅନ୍ୟପକ୍ଷରେ, ଯେଉଁ ଛାତ୍ରମାନେ ପ୍ରବେଶ କାର୍ଡ ପାଇ ମଧ୍ୟ ପରୀକ୍ଷା ଦେଉନାହାନ୍ତି ତାହା ଚିନ୍ତାର ବିଷୟ। ଏହା ପରୀକ୍ଷା ସରିଲେ ଆଲୋଚନା କରାଯିବ ବୋଲି ବିଇଓ କହିଛନ୍ତି।

# ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ

**ବଲାଙ୍ଗିର, ୪।୩(ସମିସ):** ପାଟଣାଗଡ ବ୍ଲକ ଅନ୍ତର୍ଗତ ପାଟଣେଶ୍ୱରୀ କମୁନିଟି ସେଣ୍ଟର୍ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏକ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ, ଅରୁଣା'ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଏନଏସିର ଅଧକ୍ଷା ମାନସୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାଟଣାଗଡ ବିଡିଓ ସୁମନ ମିଞ୍ଜ, ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ସୁପରଭାଇଜର ଅଯୋଧ୍ୟା ଧରୁଆ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସାମାଜିକ କର୍ମୀ ଅରୁଣ ଖୁଆସ। ମିଶନ ଶକ୍ତି ବ୍ଲକ୍ ପ୍ରୋଗ୍ରାମ କୋଡିନେଟର ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣାଗଡ଼ରେ କବି ଗଙ୍ଗାଧର ମେହେରଙ୍କ ଜ୍ୟୋତିରଥକୁ ସ୍ୱାଗତ

**ପାଟଣାଗଡ଼, ୪।୩ (ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଗତ ୧୮ ତାରିଖରୁ ତାଙ୍କ ଜନ୍ମଭୂମି ବରପାଲିଠାରୁ ବାହାରିଥିବା ଜ୍ୟୋତିରଥ ସୋମବାର ପାଟଣାଗଡ଼ ପହଞ୍ଚିଛି। ଭୁଲିଆ ଧର୍ମଶାଳାଠାରେ ରଥକୁ ପାଟଣାଗଡ଼ ଭୁଲିଆ ସମାଜର କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଧାୟକ ସରୋଜ ମେହେର କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ଶୋଭାଯାତ୍ରାରେ ଗଙ୍ଗାଧର ପାର୍କ ପର୍ଯ୍ୟନ୍ତ ନିଆଯାଇଥିଲା। କାର୍ଯ୍ୟକ୍ରମରେ ନିଖିଳ ଓଡିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର, ବେଲପଡା କେନ୍ଦ୍ର ବୋର୍ଡର ସଭାପତି ଚୂଡ଼ାମଣି ମେହେର, ରାଜ୍ୟ କୋଷାଧକ୍ଷ ଗୋପବନ୍ଧୁ ମେହେର, ପାଟଣାଗଡ଼ କେନ୍ଦ୍ର ବୋର୍ଡର ସଭାପତି ଡ. ବୃନ୍ଦାବନ ମେହେର, ସମ୍ପାଦକ ତେଜରାଜ ମେହେର, ପାଟଣାଗଡ଼ ଏନଏସି ଉପାଧକ୍ଷ ପ୍ରଫୁଲ୍ଲ ମେହେର, ଡ. ଭୀମସେନ ମେହେର, ଶରତ ମେହେର, କୃପା ମେହେର, ପ୍ରମୋଦ ମେହେର, ବଂଶୀଧର ମେହେର, ଘନଶ୍ୟାମ ମେହେର, ରାଜେଶ ମେହେର, ଗୁଲାପ ମେହେରଙ୍କ ସହ ପାଟଣାଗଡ଼ ଭୁଲିଆ ସମାଜର ଅନେକ ମହିଳା ଓ ପୁରୁଷ ସାମିଲ ଥିଲେ।



# ଖପ୍ରାଖୋଲରେ ଯୁଗ୍ମ ଜନଶୁଣାଣି ଶିବିର

**ଖପ୍ରାଖୋଲ, ୪।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାର, ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଆରକ୍ଷୀ ଅଧିକାରୀ ଋଷିକେଶ ଖିଲାରୀ, ଜିଲ୍ଲା ବନଖଣ୍ଡ ଆଧିକାରୀ ସୁଦର୍ଶନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୧ ଟି ପଞ୍ଚାୟତରୁ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୪ଟି ଅଭିଯୋଗ ସାମୂହିକ ଓ ୪୬ଟି ବ୍ୟକ୍ତିଗତ ରହିଥିଲା। ଖପ୍ରାଖୋଲ ପଞ୍ଚାୟତ କୁର୍ଲୁମାଲ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ଶ୍ରେଣୀଗୃହରେ ପାଠ ପଢୁଥିବା ଅଭିଯୋଗ ହୋଇଥିଲା। ସେହିପରି ମାଲପଡା ପଞ୍ଚାୟତର ଜାମଟୁଆଁ ଗ୍ରାମର ମାଳତୀ ଭୋଇ (୬୩) ବିକଳାଙ୍ଗ ହୋଇଥିବା ବେଳେ ସେ ଭତ୍ତା ଟଙ୍କା ଓ ରାସନ ଚାଉଳ ପାଇବା ପାଇଁ ଅଭିଯୋଗ ଶିବିରକୁ ଅଭିଯୋଗ କରି ଆସିଥିଲେ। ତାଙ୍କୁ ଏକ ଟ୍ରାଇ ସାଇକଲ ତତ୍କାଳୀନ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଅଲୋଡ଼ା ଚିନିକଳ, ଅବହେଳିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି

**ଦେଓଗାଁ, ୪।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ସାଗରପାଲି ନିକଟରେ ପ୍ରାୟ ୧୧ ବର୍ଷ ହେଲା ଅଲୋଡା ହୋଇ ପଡ଼ିରହିଛି ବିଜୟାନନ୍ଦ ସମବାୟ ଚିନିକଳ। ଏହି ଚିନିକଳ ମଧ୍ୟରେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରହିଛି। ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟ ନେଇ ବନ୍ଦ ପଡ଼ିଥିବା ପୋନ୍ନି ସୁଗର କାରଖାନାକୁ ୨୦୧୩ରେ ପୁନଃ ଚାଲୁ କରାଯାଇଥିଲା। ସାତ ବର୍ଷ ଚିନିକଳକୁ ଠିକ ଭାବେ ଚାଲିବାପରେ ୨୦୦୦ରେ ହଠାତ କ୍ଷତି ଦର୍ଶାଇ ଚିନିକଳକୁ ବନ୍ଦ କରି ଦିଆଯାଇଥିଲା। ୨୦୦୫ରେ ବିଜୟାନନ୍ଦ କୋଅପରେଟିଭ ସୁଗର ମିଲ ଲିଃ ନାମରେ କାରଖାନାର ପୁନରୁଦ୍ଧାର କରାଯାଇଥିଲା। ସେହି ସମୟରେ ଏଠାରେ ବିଜୁ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ହେଲେ ଚିନିକଳ ବନ୍ଦପଡ଼ିବା ପରଠାରୁ ଆଜି ପର୍ଯ୍ୟନ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଳଟିଏ ମଧ୍ୟ ପଡ଼ିନାହିଁ କି ଉକ୍ତ ସ୍ଥାନକୁ ସଫେଇ ମଧ୍ୟ କରାଯାଉ ନଥିବା ଦେଖିବାକୁ ମିଳିଛି। ଚିନିକଳ ବନ୍ଦହେବା ପରେ କାରଖାନାରେ କାମ କରୁଥିବା ପ୍ରାୟ ୩ଶହ କର୍ମଚାରୀ, ୭ହଜାରରୁ ଊର୍ଦ୍ଧ୍ୱ ଆଖୁଚାଷୀ ୧ହଜାର ଟ୍ରାନ୍ସପୋର୍ଟରଙ୍କ ପରିବାରର ଭବିଷ୍ୟତ ଅନ୍ଧାରକୁ ଚାଲିଯାଇଥିଲା। ଦିନକୁ ୨୫ଶହ ମେଟ୍ରିକଟନ ଆଖୁ ପେଡ଼ିବାର କ୍ଷମତା ରଖୁଥିବା ଏହି ଚିନିକଳ ଆଜକୁ ଆଠ ବର୍ଷ ହେଲା ଖତ ଖାଉଛି। ଅନେକ ଯନ୍ତ୍ରାଂଶ କଳଙ୍କି ଲାଗି ପ୍ରାୟ ନଷ୍ଟ ହୋଇଗଲାଣି। ଏହି ବନ୍ଦ ପଡ଼ିଥିବା ଚିନିକଳର ରକ୍ଷଣାବେକ୍ଷଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ତାହା କୌଣସି କାମରେ ଆସୁ ନଥିବା ମନେ ହେଉଛି। ଏହାର ପୁନରୁଦ୍ଧାର ଦାବିନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି, ପଶ୍ଚିମ ଓଡ଼ିଶା ସେବାସଂଘ ସମେତ କେତେକ ସଂଗଠନର ସହଯୋଗରେ ଚିନିକଳ ସମ୍ମୁଖରେ ଆଜକୁ ୭୯୦ ଦିନରୁ ଊର୍ଦ୍ଧ୍ୱ ହେଲା ଧାରଣା ଅବ୍ୟାହତ ରହିଛି। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।





## ମିଶନ ପଥରେ ମିଶନ ଶକ୍ତି

# ମହିଳାଙ୍କ ହାତତିଆରି ଫାଷ୍ଟଫୁଡ୍ ଓ ଡ୍ରାଏଫୁଡ୍

ବଲାଙ୍ଗିର, ୪।୩(ସମିସ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାରେ ସଫଳତା ହାସଲ କରିଥିବା ସଫଳ ମହିଳାଙ୍କ ଅନେକ କାହାଣୀ ରହିଛି। ସେହିଭିତରେ କିଏ ବ୍ୟବସାୟ କରି ସଫଳତା ପାଇଛି ତ କିଏ ବିଭିନ୍ନ ପ୍ରକାର ଚାଷ କରି ସଫଳ ହୋଇଛି। କିଏ ଏକାକୀ ସଫଳ ହୋଇଛି କେଉଁମାନେ ଗୋଷ୍ଠୀ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସ୍ୱାବଲମ୍ବୀ ହେବା ସହ ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ମହିଳା ଙ୍କ ଭିଡ ଭିତରେ ସାମ୍ନାକୁ ଆସିଛନ୍ତି ବଲାଙ୍ଗିର ଟିକ୍ରାପଡ଼ା ଶ୍ୟାମା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯେଉଁମାନେ କି ସହରର ଏକ ମୁଖ୍ୟସ୍ଥାନରେ ମିଲେଟ ଶକ୍ତି କାଫେ ଆରମ୍ଭ କରିଛନ୍ତି। ଯେଉଁଠାରେ କି ସୁସ୍ୱାଦୁ ମିଲେଟରେ ତିଆରି ଫାଷ୍ଟଫୁଡ ଓ ଡ୍ରାଏଫୁଟ ବିକ୍ରି କରୁଛନ୍ତି।




ଏହି ଯୋଜନାରେ ଜିଲ୍ଲାର ଗାଁଠୁ ସହରର ସବୁଠାରେ ମହିଳାଙ୍କ ସ୍ୱାବଲମ୍ବନ ଚିତ୍ର ସାମ୍ନାକୁ ଆସିଛି। ଏହିକ୍ରମରେ ବଲାଙ୍ଗିର ଟିକ୍ରାପଡ଼ା ଶ୍ୟାମା ଏସଏଚଜି ମହିଳାମାନେ ମିଲେଟ ଶକ୍ତି କାଫେ ଆରମ୍ଭ କରି ନୂଆ ପରିଚୟ ହାସଲ କରିପାରିଛନ୍ତି। ଗତ ୨୦୦୪ରୁ ଟିକ୍ରାପଡ଼ାର ୧୨ ଜଣ ମହିଳା ମିଶି ଆରମ୍ଭ କରିଥିଲେ ଶ୍ୟାମା ଏସଏଚଜି। ଏହି ମହିଳାମାନେ ବିଭିନ୍ନ ପ୍ରକାର କାମରେ ନିଜକୁ ନିୟୋଜିତ ରଖି ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିଆସୁଥିଲେ ସୁଦ୍ଧା ସେହିଭଳି ସଫଳତା ହାସଲ କରି ନଥିଲେ। ଶେଷରେ ୨୦୨୪ରେ ପ୍ରଶାସନ ଓ ମିଶନ ଶକ୍ତି ବିଭାଗର ନଜର ଏହି ଏସଏଚଜି ମହିଳାଙ୍କ ଉପରେ ପଡ଼ିଥିଲା। ସହରର ଏକ ମୁଖ୍ୟସ୍ଥାନ ଦୁର୍ଗାମନ୍ଦିର ସମ୍ମୁଖରେ ନୂତନ ଭାବେ ନିର୍ମାଣ ହୋଇଥିବା ମିଲେଟ ଶକ୍ତି କାଫେ ଚଲାଇବାକୁ ଦାୟିତ୍ୱ ଦିଆଯାଇଥିଲା। ଏହି କାଫେରେ ବର୍ତ୍ତମାନ ଯୁବପିଢିଙ୍କ ପସନ୍ଦର ଫାଷ୍ଟଫୁଡ ଓ ଡ୍ରାଏଫୁଡ ତିଆରି କରିବା ପାଇଁ କୁହାଯାଇଥିଲା। ଯୁବପିଢି ଓ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି ଏହିସବୁ ଖାଦ୍ୟ ମିଲେଟ ଜାତୀୟ ଶସ୍ୟରେ ତିଆରି କରିବା ପାଇଁ ମହିଳାଙ୍କୁ ପ୍ରଥମେ ତାଲିମ ଦିଆଯାଇଥିଲା। ତାଲିମ ପାଇବା ପରେ ଏବେ ଉକ୍ତ ମହିଳାମାନେ ସୁସ୍ୱାଦ୍ୟ ଖାଦ୍ୟ ପରଷି ପ୍ରଶଂସା ଗୋଟାଇଛନ୍ତି। ୧୨ ଜଣ ମହିଳା ପର୍ଯ୍ୟାୟକ୍ରମେ ନିଜ ଘର କାମ ସାରି କାଫେକୁ ଆସି କାମ କରିଥାନ୍ତି।



ସୁସ୍ୱାଦୁ ଖାଦ୍ୟର ନୂଆ ପସରା ମିଶନ ଶକ୍ତି କାଫେ

ଏହି କାଫେ ସକାଳ ଓ ସଂଧ୍ୟା ସମୟରେ ଖୋଲିଥାଏ। ଚାଉମିନ, ମନଚୁରିଆନ, ସେଣ୍ଡୱିଚ, ପାସ୍ତା, କଟଲେଟ, ଖିରୀ, କୁଦୋ ଉପମା ତିଆରି କରି ବିକ୍ରି କରାଯାଇଥାଏ। ସେହିପରି ମାଣ୍ଡିଆରେ ତିଆରି ବିସ୍କୁଟ, କେକ ଓ ଅନ୍ୟ ସବୁ ସାମଗ୍ରୀ ମଧ୍ୟ ବିକ୍ରି କରାଯାଇଥାଏ। ରାଜ୍ୟ ସରକାର ମିଶନ ଶକ୍ତି ଭଳି ମିଲେଟ ମିଶନକୁ ମଧ୍ୟ ଗୁରୁତ୍ୱ ଦେଉଥିବା ବେଳେ ଏହି ଦୁଇ କାର୍ଯ୍ୟକ୍ରମରେ ମହିଳାଙ୍କୁ ନିୟୋଜିତ କରି ସ୍ୱାବଲମ୍ବନର ରାସ୍ତା ଦେଖାଇଛନ୍ତି। ଏହି କାଫେରେ କାର୍ଯ୍ୟରତ ମହିଳାମାନେ ଭଲ ଦୁଇ ପଇସା ରୋଜଗାର ଆଶା ରଖିଥିବା ବେଳେ କାଫେ ଖାଦ୍ୟର ସ୍ୱାଦ ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ମହିଳାମାନେ କହିଛନ୍ତି। ଏହାସହ ତାଙ୍କୁ ଏହି କାଫେ ଚଲାଇବା ପାଇଁ ଦାୟିତ୍ୱ ଦିଆଯାଇଥିବାରୁ ରାଜ୍ୟ ସରକାର, ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



**ବୌଦ୍ଧ, ୪।୩(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡପଡ଼ା ପଞ୍ଚାୟତର ମୁଣ୍ଡପଡ଼ାରେ ଏକ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ମନ୍ତ୍ରୀ ପ୍ରଦୀପ ଅମାତ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଣ୍ଡାପଡ଼ା ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହଁର, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ବୌଦ୍ଧ ସରପଞ୍ଚ ସଙ୍ଘ ସଭାପତି ଅରୁଣ ବାଘ, ଆଞ୍ଚଳିକ କନ୍ଧ ସମାଜର ସଭାପତି ଶଙ୍କର ପ୍ରଧାନ, ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ଆମ୍ବଝରି ସରପଞ୍ଚ ପ୍ରେମାନନ୍ଦ ବାଘ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ନାଏବ ସରପଞ୍ଚ ସୁମନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜୁ ଯିବ ଜନତା ଦଳର ସମ୍ପାଦକ ସନ୍ତୋଷ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଆଜି ପ୍ରବାଦପୁରୁଷଙ୍କ ଜୟନ୍ତୀ

# ସୁବର୍ଣ୍ଣପୁରକୁ ବିଜୁବାବୁଙ୍କ ଅବଦାନ ଅତୁଳନୀୟ

ସୋନପୁର, ୪।୩(ସମିସ)

ସୋନପୁର ସହିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସମ୍ପର୍କ ଖୁବ୍ ନିବିଡ। ସୋନପୁରର ବିଭିନ୍ନ ଘଟଣା ସହ ସେ ଓତପ୍ରୋତ ଭାବେ ଜଡିତ ଥିଲେ। ବିରୋଧୀ ଦଳ ନେତା ଭାବେ ହୁଅନ୍ତୁ କିମ୍ବା ମୁଖ୍ୟମନ୍ତ୍ରୀ ଭାବେ ସେ ସୋନପୁରକୁ ଆସି ଖୁବ୍ ଆନନ୍ଦିତ ହେଉଥିଲେ। ସୋନପୁରିଆଙ୍କ ସହ ବିଜୁ ବାବୁଙ୍କ ବ୍ୟକ୍ତିଗତ ସମ୍ପର୍କ ଥିଲା। ସୋନପୁର ମହାରାଜ ବୀରପ୍ରତାପ ସିଂହଦେଓଙ୍କ ସହ ବିଜୁ ବାବୁ ଖୁବ୍ ଘନିଷ୍ଠ ଥିଲେ। ବହୁ ସମୟରେ ଆସି ସୋନପୁର ରାଜ ପ୍ରାସାଦରେ ବିଜୁ ବାବୁ ଅବସ୍ଥାନ କରୁଥିଲେ। ଚୌଦ୍ୱାର ଲୁଗା କଳର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ସେ ମହାରାଜ ବୀରପ୍ରତାପ ସିଂହଦେଓଙ୍କୁ ରଖିଥିଲେ। ୧୯୮୮ରେ ସୋନପୁର ଗଡ଼ଭିତର ସ୍କୁଲର ନୂତନ କୋଠା ଉଦ୍‌ଘାଟନ ପାଇଁ



ଆସିଥିଲାବେଳେ ସମୟରେ ଛାତ୍ରଛାତ୍ରୀ ଉତ୍ସୁକତାର ସହ ଟଲ୍‌ମ୍ୟାନଙ୍କୁ ଦେଖିବାକୁ ଅପେକ୍ଷା କରି ରହିଥିଲେ। ସୋନପୁରର ପୂର୍ବତନ ବିଧାୟକ କୁନ୍ଦୁରୁ କୁଶଳଙ୍କୁ ଜିରୋରୁ ହିରୋ କରି ଦେଇଥିଲେ ବିଜୁ ବାବୁ। ତାଙ୍କର ପ୍ରତ୍ୟେକ ଅଭିଭାଷଣରେ ଆତ୍ମୀୟତା ଭରି ରହିଥିଲା। ତେବେ ୧୯୯୩ ଏପ୍ରିଲ ପହିଲା ବିଜୁ ବାବୁଙ୍କ ସୋନପୁର ଗସ୍ତ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସୋନପୁର ଜିଲ୍ଲା ଉଦ୍‌ଘାଟନୀ ସମାରୋହରେ ବିଜୁ ବାବୁ ଯୋଗ ଦେଇଥିଲେ। ଏକ ସୁସଜ୍ଜିତ କଳିଙ୍ଗ ରଥରେ ସୋନପୁର ବସଷ୍ଟାଣ୍ଡଠାରୁ ସୁରେଶ୍ୱରୀ ମନ୍ଦିର ନିକଟସ୍ଥ ଲକ୍ଷ୍ମୀଭଣ୍ଡାର ସାମ୍ନାରେ ନିର୍ମିତ ମଞ୍ଚ ନିକଟକୁ ଆସିଥିଲେ ବିଜୁ ବାବୁ। ସେଦିନର ଅଭିଭାଷଣ ଆଜି ବି ସୋନପୁରବାସୀଙ୍କ କାନରେ ଗୁଞ୍ଜରିତ ହେଉଛି। ସେ କହିଥିଲେ 'ମୁଁ ସୋନପୁରକୁ ସୁବର୍ଣ୍ଣପୁର କରିଦେଲି। ଏବେ ଏହି ଜିଲ୍ଲାର ଉନ୍ନତି ଆପଣମାନଙ୍କ ହାତରେ'। ସୋନପୁରକୁ ବିଜୁ ବାବୁଙ୍କ ବଡ ଆବଦାନ ହେଉଛି ନୂତନ ଜିଲ୍ଲା ଓ ମହାନଦୀ ବ୍ରିଜ। ତେଣୁ ଆଜି ବି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସୋନପୁରବାସୀ ଝୁରି ହେଉଛନ୍ତି। ପ୍ରତ୍ୟକ ବର୍ଷ ମାର୍ଚ୍ଚ ୫ ଆସିଲେ ମନେ ପଡ଼ନ୍ତି ବିଜୁ ବାବୁ। ମନେ ପଡ଼େ ସୋନପୁର ପ୍ରତି ଥିବା ତାଙ୍କର ସର୍ବୋତ୍ତମ ଅବଦାନ।

### ● ସେମାନେ କୁହନ୍ତି...



ଜିରୋକୁ ହିରୋ କରିପାରନ୍ତି ବିଜୁ ପଟ୍ଟନାୟକ। ତାଙ୍କ ଆଶୀର୍ବାଦ ବଳରେ ମୋ ବଡ ଭାଇ କୁନ୍ଦୁରୁ କୁଶଳ ସାଧାରଣ ମଣିଷରୁ ବିଧାୟକ ହୋଇ ପାରିଥିଲେ। କୁନ୍ଦୁରୁ କୁଶଳ ଅତି ସାଧାରଣ ମଣିଷ ଥିଲେ ମଧ୍ୟ ଅତି ଆଦରରେ ତାଙ୍କ ସହିତ କଥା ହେଉଥିଲେ ବିଜୁ ବାବୁ। ସୋନପୁର ସହ ତାଙ୍କ ସମ୍ପର୍କ ଖୁବ୍ ନିବିଡ ଥିଲା।

-ଅଭିମନ୍ୟୁ କୁଶଳ, ବିଜେଡି ନେତା



ବିଜୁ ବାବୁ ଗଡ଼ଭିତର ସ୍କୁଲ୍ ଉଦଘାଟନ ସମୟରେ ଆସିଥିବା ବେଳେ ଆମେ ଅଷ୍ଟମ ଶ୍ରେଣୀର ଛାତ୍ର ଥିଲୁ। ଆମେ ଅତି ନିକଟରୁ ଏତେ ବଡ ନେତାଙ୍କୁ କେବେ ଦେଖି ନ ଥିଲୁ। ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବହୁ ଦିନରୁ ପ୍ରସ୍ତୁତି ଚାଲିଥିଲେ ମଧ୍ୟ ସମସ୍ତଙ୍କ ଅପେକ୍ଷା ଥିଲା ବିଜୁ ବାବୁଙ୍କୁ। ତାଙ୍କୁ ମଞ୍ଚ ଉପରେ ଦେଖି ଆମେ ଖୁବ୍ ଖୁସି ହୋଇ ଯାଇଥିଲୁ।

-ବ୍ରଜଶ୍ୟାମ ପାଣିଗ୍ରାହୀ, ଗଡ଼ଭିତର ବାସିନ୍ଦା



ସୋନପୁରକୁ ବିଜୁବାବୁଙ୍କ ଅବଦାନ କେବେ ଭୁଲି ହେବ ନାହିଁ। ସୋନପୁରକୁ ବିଭିନ୍ନ ସମୟରେ ସେ ଆସୁଥିଲେ। ସୋନପୁରର ବିଭିନ୍ନ ଲୋକଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା। ସୋନପୁରବାସୀଙ୍କୁ ସେ ବହୁତ ଭଲ ପାଉଥିଲେ।

-ଅଦ୍ୱୈତ ପଣ୍ଡା, ବରିଷ୍ଠ ଆଇନଜୀବୀ

## ଏକତା ମହୋତ୍ସବ ଉଦ୍‌ଘାଟିତ

**ବୀରମହାରାଜପୁର, ୪।୩(ସମିସ):** କେନଝିରିଆପାଲି ପଞ୍ଚାୟତ କଦଳିପାଲି ଛକରେ ଦ୍ୱିତୀୟ ଏକତା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏକତା ଗ୍ରୁପ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜକ ସଭାପତି ପାଣିନି ପ୍ରାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ଦୀପ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଦୀପ ବାଦୀ ଯୋଗ ଦେଇଥିଲେ। ଏହା ସହିତ ଜଳନ୍ଧର ଦରବାର ମଧ୍ୟ ଉଦ୍‌ଘାଟିତ ହୋଇଛି। ଜଳନ୍ଧର ଭୂମିକାରେ ବରଗଡ଼ ଜିଲ୍ଲା ବରପାଲିର ବଟକୃଷ୍ଣ ସାହୁ ଅଭିନୟ କରିଛନ୍ତି।

# ମାଳ ମାଳ ମଲ୍; କିନ୍ତୁ ପାର୍କିଂ ବ୍ୟବସ୍ଥା ନାହିଁ

**ସୋନପୁର, ୪।୩(ସମିସ):** ସୁବର୍ଣ୍ଣପୁର ସହରରେ ଜନସଂଖ୍ୟା ବଢ଼ିବା ସହ ଦୋକାନ ବଜାର ଓ ଗାଡିମଟର ବୃଦ୍ଧି ପାଉଛି। ଲୋକଙ୍କ ଚାହିଦାକୁ ଦେଖି ସହରରେ ମାର୍କେଟ କମ୍ପ୍ଲେକ୍ସ ଗଢି ଉଠୁଛି। ଏପରିକି ଜାତୀୟସ୍ତରର ବଡ଼ ବଡ଼ କମ୍ପାନୀ ଏଠାରେ ମଲ୍ ଖୋଲିଛନ୍ତି; ହେଲେ ପାର୍କିଂ ନେଇ କେହି କୌଣସି ବ୍ୟବସ୍ଥା କରିନାହାନ୍ତି। ତେଣୁ ଦିନକୁ ଦିନ ସୋନପୁର ସହରରେ ଟ୍ରାଫିକ୍ ସମସ୍ୟା ମଧ୍ୟ ବଢ଼ି ଚାଲିଛି। ସହରର ମୁଖ୍ୟ ରାସ୍ତାର ଯେଉଁ ଆଡେ ଗଲେ ଲୋକେ କାର୍, ବାଇକ୍ ଆଦି ବେଆଇନ୍ ଭାବେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ତେବେ ବ୍ୟବସାୟ ପ୍ରତିଷ୍ଠାନଗୁଡିକର ନିଜର ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଲୋକେ ଗାଡି ମଟର ରଖିବା ପାଇଁ ବାଧ ହେଉଛନ୍ତି। ଏହାଫଳରେ ରାସ୍ତା ଉପରେ ଅଯଥାରେ ଗହଳି ହୋଇ ଦୁର୍ଘଟଣା ଭୟ ରହୁଛି। ସହରର ଟ୍ରାଫିକ୍ ସମସ୍ୟାର ମୁଖ୍ୟ କାରଣ ସାଜିଛି ବିଭିନ୍ନ ସ୍ଥାନର ମାର୍କେଟ କମ୍ପ୍ଲେକ୍ସ। ବିଭିନ୍ନ ସ୍ଥାନରେ ଦୁଇ ତିନି ତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି; ହେଲେ ଗ୍ରାହକ ଗାଡି ରଖିବା ପାଇଁ ପାର୍କିଂ ସ୍ଥାନ ନିର୍ମାଣ ହେଉନି। ଏଣୁ ଲୋକେ ରାସ୍ତା କଡରେ ଗାଡି ଥୋଇ କିଣାବିକା କରୁଛନ୍ତି। ସୋନପୁର ବ୍ଲକଛକ ନିକଟରେ କିଛି ଦିନ ତଳେ ଏକ ଜାତୀୟସ୍ତରର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଛି। ତେବେ ପାର୍କିଂ ସୁବିଧା ନ ଥିବାରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡି ଥୋଇ ଲୋକେ କିଣିବିକା କରୁଛନ୍ତି। ଅନ୍ୟପକ୍ଷେ ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ରାସ୍ତାର ଉଭୟ ପାର୍ଶ୍ୱ ଖୋଳା ଯାଇଛି। ଏଣୁ ସନ୍ଧ୍ୟାରେ ଭିଡ ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଉଛି। ଏହି ରାସ୍ତା ଦେଇ ବସ୍ କିମ୍ବା ଟ୍ରକ୍ ଟିଏ ଅତିକ୍ରମ କଲାବେଳେ ସାଧାରଣ ଲୋକେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସେହିପରି ବସଷ୍ଟାଣ୍ଡ ନୂଆ ଥାନା ନିକଟରୁ ପୁରୁଣା ଥାନା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବ୍ୟାଙ୍କ ରହିଛି; ହେଲେ ପାର୍କିଂ ପାଇଁ କୌଣସି ସୁବିଧା ନାହିଁ। ସ୍ଥାନ ଅଭାବରୁ ମୁଖ୍ୟ ରାସ୍ତା କଡରେ ବାଇକ୍ ଏବଂ କାର୍ ଭର୍ତ୍ତି ହୋଇ ଯାଉଛି। ଏଭଳି ଗହଳି ଯୋଗୁଁ ଯାତାୟତରେ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ସେହିଭଳି ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ନିକଟରେ ମଧ୍ୟ ସମାନ ଅବସ୍ଥା। ସହରରେ ମାଳ ମାଳ ମାର୍କେଟ୍ କମ୍ପ୍ଲେକ୍ସ ଗଢି ଉଠୁଥିବା ବେଳେ ନଗର ଉନ୍ନୟନ ବିଭାଗ ନ ଦେଖିଲା ଭଳି ରହୁଛି।

## ଗଣିତ ତାଲିମ ଶିବିର



**ମନମୁଣ୍ଡା, ୪।୩(ସମିସ):** ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ଗଣିତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କର୍ମୀ ପ୍ରକାଶ ପୁରୋହିତଙ୍କ ତତ୍ତ୍ୱାବଧାନରେ କନ୍ଧମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଗାଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମନମୁଣ୍ଡାର ସାଧନ କର୍ମୀ ପ୍ରଜିନା ପାଢ଼ୀ ଏବଂ ଗୁଡଭେଲିପଦର୍ ସାଧନ କର୍ମୀ ବିଭୀଷଣ ହୋତା ତାଙ୍କୁ ସହାୟତା କରିଥିଲେ। ଶିବିରରେ ୫୦ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସତ୍ୟ ନାରାୟଣ ନନ୍ଦ, ଗୋବର୍ଦ୍ଧନ ମହାକୁଡ, ଅନୀଲ ସାହୁ ଏବଂ ସଞ୍ଜୀବ ନାଏକ ସହଯୋଗ କରିଥିଲେ।

## ଜୁଆ ଆଡ୍ଡାରୁ ୪ ଗିରଫ

**ବିନିକା, ୪।୩(ସମିସ):** ବିନିକା ଥାନା ସାରଙ୍ଗପାଲିର ଏକ ଜୁଆ ଆଡ୍ଡାରୁ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସୁଦାମ ଭୋଇ, ସନାତନ ବେହେରା, ଶତ୍ରୁଘ୍ନ ମେହେର ଏବଂ କନିଷ୍ଠ ହରିପାଲ। ସେମାନଙ୍କଠାରୁ ୬ଟି ବାଇକ, ୩୦୫୦ ଟଙ୍କା, ସାଇକଲ ଇତ୍ୟାଦି ଜବତ କରାଯାଇଛି। ଏ ନେଇ ବିନିକା ଥାନାରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏସଆଇ ଅନିଲ ବେହେରା, ଏଏସଆଇ ଆନନ୍ଦ ନାଏକ, କନଷ୍ଟେବଳ ତାରାକାନ୍ତ ଥନାପତି ଓ ଚିନ୍ମୟ ସେଠ ପ୍ରମୁଖ ଚଢଉରେ ସାମିଲ ଥିଲେ।

## ୩୦ଜଣଙ୍କୁ ମହୁ ବାକ୍ସ ବଣ୍ଟନ

**ଶଗଡ଼ା, ୪।୩(ସମିସ):** ଓଡ଼ିଶା ବାନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟ ଓ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ମାଧ୍ୟମରେ କନ୍ଧମାଳ ବନ ସୁରକ୍ଷା ସମିତିର ୩୦ଜଣ ଚାଷୀଙ୍କୁ ମହୁ ବାକ୍ସ ପ୍ରଦାନ କରାଯାଇଛି। ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କମ୍ପ, ଏସିଏଫ୍ ମୀନାକ୍ଷୀ କୁମୁରା, କନ୍ଧମାଳ ରେଞ୍ଜର ଖିରୋଦ୍ଧୀ ପ୍ରଧାନ, ଏସଏମଏସ ସଞ୍ଜୟ ପଟ୍ଟନାୟକ, ଶିବଦତ୍ତ ଅଗସ୍ତି, ଖଦୀ ବୋର୍ଡ଼ ସଦସ୍ୟ ଈଶ୍ୱର ପରିଡ଼ା, ଶିବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବାନଞ୍ଚଳ ପ୍ରକଳ୍ପର କର୍ମକର୍ତ୍ତା ପାର୍ଥ ସାରଥି ବଘାର, ସୁମନ୍ତ ପାତ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ରଞ୍ଜିତ ପ୍ରଧାନ, ପୁଷ୍ପାଞ୍ଜଳି ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଗଛକୁ ଧକ୍କାଦେଲା କାର୍

**ଜହ୍ନାପଙ୍କ, ୪।୩(ସମିସ):** ବୌଦ୍ଧ ଥାନା ବଲାସିଙ୍ଗା ବନ୍ଧ ନିକଟ ୫୭ ନମ୍ବର ଜାତୀୟ ରାଜପଥରେ ସୋମବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଦୁର୍ଘଟଣା ଘଟିଛି। ସୋନପୁର ପଟରୁ ବୌଦ୍ଧ ଆଡ଼କୁ ଆସୁଥିବା ଏକ କାର୍ (ଓଡି ୩୧ ଜି ୨୦୯୯) ବଲାସିଙ୍ଗା ବନ୍ଧ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡର ଏକ ଗଛକୁ ଧକ୍କା ଦେଇଥିଲା। ବନ୍ଧକୁ ଗାଧୋଇବାକୁ ଯାଇଥିବା ୨ ଜଣ ଗ୍ରାମବାସୀଙ୍କ ସାଇକଲ ଗଛମୂଳରେ ଥିବା ବେଳେ ଉଭୟ ସାଇକେଲ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ଜହ୍ନାପଙ୍କ, ୪।୩(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କରେ ନାରାୟଣୀ ମେଡ଼ିକାଲ ଷ୍ଟୋର ଓ ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି।

ଏହି ଚକ୍ଷୁ ଚିକିତ୍ସା ଶିବିରରେ ୮୦ ଜଣଙ୍କ ଚକ୍ଷୁ ଚିକିତ୍ସା କରା ଯାଇଥିଲା। ଶିବିରରେ ୩୫ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ୨୦ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିକୁ ପଠାଯାଇଥିଲା। ଏହି ଶିବିରରେ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ସରୋଜ ସିଂହ, ପ୍ରୋଗ୍ରାମ ଏସୋସିଏଟ୍ ମହେଶ ବେହେରା, ବାଦଲ ଭୋଇ, ହିମାଂଶୁ ମହାକୁଲ ପ୍ରମୁଖ ସହଯୋଗ କରିଥିଲେ।



ବିନିକାକୁ ତୁରନ୍ତ ସବ୍‌ଡିଭିଜନ ଘୋଷଣା ଦାବି ନେଇ ସୋମବାର ଅଞ୍ଚଳବାସୀ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି

## ଜଳନ୍ଧରଙ୍କ ସ୍ୱର୍ଗପୁର ଆକ୍ରମଣ, ଇନ୍ଦ୍ର ଗାଦିଚ୍ୟୁତ



**ଡୁଙ୍ଗୁରିପାଲି, ୪।୩(ସମିସ):** ଡୁଙ୍ଗୁରିପାଲି ସ୍ୱପ୍ନେଶ୍ୱର ପୀଠରେ ଶିବ ମନ୍ଦିର, ଚଣ୍ଡି ମନ୍ଦିର, ହନୁମାନ ମନ୍ଦିର, ଭୈରବ ମନ୍ଦିର ସହ ବିନ୍ଧବାସିନୀ ମନ୍ଦିରର ବିଗ୍ରହ ସ୍ଥାପନ ଅବସରରେ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା। ସିନ୍ଧୁ ନରେଶ ଜଳନ୍ଧର ସ୍ୱର୍ଗପୁର ଆକ୍ରମଣ କରି ଦେବରାଜ ଇନ୍ଦ୍ରଙ୍କୁ ଗାଦିଚ୍ୟୁତ କରିଥିଲେ। ରାଜ ଅତିଥି ଭାବେ ଡୁଙ୍ଗୁରିପାଲି ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ର, ଥାନା ଏସଆଇ ପ୍ରେମରାଜ ସାହୁ, ସୋନପୁର ଜିଲ୍ଲା ଟ୍ରକ ୟୁନିୟନର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଏବଂ ମାରୱାଡି ଯୁବା ମଞ୍ଚର ରାଜ୍ୟ ଉପସଭାପତି ରାକେଶ ଅଗ୍ରୱାଲ ଯୋଗ ଦେଇଥିଲେ। ଧର୍ମେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଜଗଦାନନ୍ଦ ମିଶ୍ର ଅଭିନୟ କରିଥିଲେ। ରାଜ ଦରବାର ନୃତ୍ୟଗୀରେ ଦୁଲୁକି ଉଠିଥିଲା। ପୂଜାକାର୍ଯ୍ୟରେ ରବୀନ୍ଦ୍ର ବିଶ୍ୱାଳ, ନରୋତ୍ତମ ବରିହା, ଗଣେଶ ଅଗ୍ରୱାଲ, ସୁଦାମ ବରିହା, କ୍ଷୀରୋଦ୍ର ବିଶ୍ୱାଳ, ମୁନା ପାତ୍ର, ହେମନ୍ତ ଥନାପତି ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରାନ୍ସଫର୍ମରରୁ ନିଆଁ ଲାଗି ଜଳିଗଲା ଘର

**ବୌଦ୍ଧ, ୪।୩(ସମିସ):** ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ଘର ଜଳି ଯାଇଛି। ଚନ୍ଦ୍ରପୁର ଗ୍ରାମର ବାଟୁ ଜେନାଙ୍କ ଘର ନିକଟରେ ଥିବା ଟ୍ରାନ୍ସଫର୍ମରରୁ କୌଣସି କାରଣରୁ ନିଆଁ ଲାଗି ତାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ବୌଦ୍ଧ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

### ସପ୍ତମ ବୌଦ୍ଧ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସୋନପୁର ଜିଲ୍ଲା କ୍ରିକେଟ୍ ସଂଘ ବିଜୟୀ

ବୌଦ୍ଧ, ୪।୩(ସମିସ)

ବୌଦ୍ଧ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ସୋମବାର ଜିଲ୍ଲା ଷ୍ଟାଡିୟମରେ ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ୍ ସୋନପୁର ଜିଲ୍ଲା କ୍ରିକେଟ ସଂଘ (ଏସଡିଏ) ଓ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ସୋନପୁର ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୩୦ ଓଭରରୁ ୨୭ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୯୬ ରନ୍ କରିଥିଲା। ଦଳ ତରଫରୁ ଦୀପକ ପରିଡ଼ା ୬୯ ବଲ୍‌ରୁ ସର୍ବାଧିକ ୭୯ ରନ୍ କରିଥିଲେ। ସିକନ ସେଠୀ ୨୪ ବଲ୍‌ରୁ ୩୩ ରନ୍, ଅଭିଲାଷ ନାଏକ ୧୭ ବଲ୍‌ରୁ ୨୪ ରନ୍ କରିଥିବାବେଳେ ମହାନଦୀ ଦଳର ରାହୁଲ ନାଏକ ୪ ୱିକେଟ, ଦୀପକ ଦାସ ୩ ୱିକେଟ, ଏମ.ଡି ନଦିମ ୨ ୱିକେଟ ଅକ୍ତିଆର କରିଥିଲେ। ଅପରପକ୍ଷରେ ମହାନଦୀ ସ୍ପୋର୍ଟିଂ ୧୯୭ ରନ୍‌ର



ବିଜୟ ଲକ୍ଷ୍ୟକୁ ପିଛାକରି ୨୪ ଓଭରରେ ସମସ୍ତ ୱିକେଟ ହରାଇ ୧୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ଶିବାନନ୍ଦ କ୍ଷେତୀ ସର୍ବାଧିକ ୩୩ ରନ୍ ଓ ମହମ୍ମଦ ନଦିମ ୩୧ ରନ୍ କରିଥିଲେ। ସୋନପୁର ଦଳର ସୁମନ ମହାରଣା ସର୍ବାଧିକ ୬ ୱିକେଟ ଓ କେ.ଜି କ୍ରିଷ୍ଣା ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ଫଳରେ ସୋନପୁର ଦଳ ୫୮ ରନ୍‌ରେ ବିଜୟ ଲାଭ କରିଥିଲା। ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ସୁମନ ମହାରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚରେ ପୁରସ୍କୃତ କରାଯାଇଛି। ଅମ୍ପାୟାର ଭାବେ ବିଶ୍ୱଜିତ ପ୍ରଧାନ ଓ ବିଶ୍ୱମ୍ବର ମହାକୁଡ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୌରଭ ପତି, ପ୍ରଦୀପ ଦାସ ପ୍ରମୁଖ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସମ୍ବଲପୁର ଓ ପ୍ରୋଗ୍ରେସିଭ ଆସୋସିଏସନ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରିକେଟ ଖେଳାଳି ସେଖ୍ କଲିମୁଲ୍ଲା, ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ନିରଞ୍ଜନ ମେହେର, ସମ୍ପାଦକ ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ। ସେହିପରି ଉପ-ସଭାପତି ଲମ୍ବୋଦର ପୁରୋହିତ, ପୂର୍ବତନ ସମ୍ପାଦକ ମାନସ ରଞ୍ଜନ ସେଠୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଆଶୁତୋଷ ଦାଶ, କୋଷାଧ୍ୟକ୍ଷ ଭବେଶ ଯୋଷୀ, ସଦସ୍ୟ ସତ୍ୟଜିତ ପଣ୍ଡା, କୋଚ୍ ହେମନ୍ତ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଧମାଳରେ ମାତୃଶକ୍ତି ସମ୍ମିଳନୀ



**ଶଗଡ଼ା, ୪।୩(ସମିସ):** ଆଦ୍ୟ ଯୁଗରୁ ଆରମ୍ଭ କରି ପ୍ରାଚୀନ ଓ ନୂତନ ଯୁଗ ପର୍ଯ୍ୟନ୍ତ ନାରୀ ନିଜର ଏକ ଉଦାହରଣ ସୃଷ୍ଟି କରିପାରିଛି। ନାରୀ ଅବଳା କି ଦୁର୍ବଳା ନୁହେଁ। ସେ ସର୍ବ ସହିଷ୍ଣୁ, ସର୍ବ ବନ୍ଦନୀୟ। ନାରୀ ଜାଗ୍ରତ ହେଲେ ରାଷ୍ଟ୍ର ଜାଗ୍ରତ ହୋଇ ସର୍ବ ଶକ୍ତିମାନ ହୋଇଥାଏ। କନ୍ଧମାଳ ଶିଶୁ ମନ୍ଦିର ପରିସରରେ ତପସ୍ୱିନୀ ସଂଗଠନ ପକ୍ଷରୁ ଅନୁଷ୍ଠିତ ମାତୃ ସମ୍ମିଳନୀରେ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି। କନ୍ଧମାଳ ପଞ୍ଚାୟତ ମହା ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଭାସିନୀ ଖଟୁଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ସୁବର୍ଣ୍ଣ ମିଶ୍ର ଓ ରଶ୍ମିତା ହୋତା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ସାବିତ୍ରୀ ସାହୁ ଓ ଜିଲ୍ଲା ଦୁର୍ଗା ବାହିନୀର ସଭାନେତ୍ରୀ ଶାନ୍ତିଲତା ଖମାରୀ ଯୋଗ ଦେଇ ଆଲୋଚନା କରିଥିବା ବେଳେ ପଦ୍ମା ବସ୍ତିଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ଅନନ୍ୟ ଆନନ୍ଦିନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ମୁଖ୍ୟସ୍ରୋତରେ ସାମିଲ ହେବେ ଉପାନ୍ତ ଅଞ୍ଚଳବାସୀ

# ମୁଖ୍ୟମନ୍ତ୍ରୀ ସଡ଼କ ସହ ପାଞ୍ଚଟି ବିଜୁସେତୁର ଶିଳାନ୍ୟାସ କଲେ ବିଧାୟକ

**ଜୟପାଟଣା, ୪।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମୁଖରେ ହସ ଫୁଟିଛି। ବହୁ ପ୍ରତୀକ୍ଷିତ ଘୁମରେଶ୍ୱର ରାସ୍ତା ସହ ପାଞ୍ଚ ଗୋଟି ବିଜୁସେତୁକୁ ମିଶାଇ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ। ଯାହାଫଳରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପଣ୍ଡିରୁ ଭିତର ପଣ୍ଡି ୬ କୋଟି ଟଙ୍କାର ବିଜୁସେତୁ, ହୀରାପୁର ସାନକରଲାକୋଟ ୩ କୋଟି ଟଙ୍କାର ବିଜୁସେତୁ, ୮ କୋଟି ଟଙ୍କା ବ୍ୟୟ ଅଟକଳ ରେସିଣ୍ଡିକାଗୁଡା ବିଜୁସେତୁ, ବୁଟିଯୋର ଧୋବାଜୋର ନଳା ୩କୋଟିର ବିଜୁସେତୁ, କୁମଜୋର କୁଚାଗାଁ ୬ କୋଟିର ବିଜୁସେତୁ, ଉଛୁଳା ବିଜୁସେତୁ ୩କୋଟି, ଘୁମରେଶ୍ୱର ରାସ୍ତାକୁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଭଳି ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିଛନ୍ତି ବିଧାୟକ ଶ୍ରୀ ଦିଶାରୀ। ଏହା ନିର୍ମାଣ ହେବା ଫଳରେ ଦୁର୍ଗମ ଅଞ୍ଚଳର ଲୋକେ ସିଧାସଳଖ ଭାବେ ସହର ସହ ଯୋଡି ହେବେ। ଯାହାଫଳରେ ଅଞ୍ଚଳରେ ବିକାଶ ପ୍ରକ୍ରିୟାରେ ଏକ ମାଇଲ ଖୁଣ୍ଟ ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

# ଅଦିନିଆ ବର୍ଷା ଦେଖାଇଲା କାମର ମାନ



**ବଲାଙ୍ଗିର, ୪।୩(ସମିସ)**

ରାଜ୍ୟ ସରକାରଙ୍କ ଫୋକସରେ ସ୍ୱାସ୍ଥ୍ୟ ସେବା। କୋଟିକୋଟି ଟଙ୍କା ଅନୁଦାନ ଦେଉଛନ୍ତି। ଡ଼ାକ୍ତରଖାନାର ରୂପାନ୍ତରଣ ଚାଲିଛି; ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରୀତିରେ ସ୍ୱାହା ହେଉଛି ଟଙ୍କା। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ହସ୍ପିଟାଲ (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ) ରେ କାମର ମାନକୁ ନେଇ ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଗୋଟିଏ ଅଦିନିଆ ବର୍ଷା ଯୋଗୁଁ ଏଭଳି କାର୍ଯ୍ୟ ସାମ୍ନାକୁ ଆସିଛି। ସୋମବାର ସନ୍ଧ୍ୟାରେ ବଲାଙ୍ଗିରରେ ହଠାତ୍ ବର୍ଷା ଆସିଥିଲା। ପବନ, ଘଡଘଡି ସାଙ୍ଗକୁ ବର୍ଷା ହୋଇଥିଲା। ଏହି ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ହସ୍ପିଟାଲରେ ଥିବା ଲୋକେ ମେଡିକାଲରେ ଲୁଚିଥିଲେ। ହେଲେ ନୂତନ ଭାବରେ ଚକ୍ ଚାକ୍ ହୋଇ ନିର୍ମାଣ ହୋଇଥିବା ମେଡିକାଲର ସେଡ୍‌ର ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା। ନୂଆ କରି ନିର୍ମାଣ ହୋଇଥିବା ଏହି ଛାତକୁ ଦେଖି ଲୋକେ କାବା ହୋଇଥିଲେ। ଯଦି କାମ ସରିବାର ୬ ମାସ ହୋଇ ନଥିବା ବେଳେ ବର୍ତ୍ତମାନ ଏଭଳି ଅବସ୍ଥା; ତାହେଲେ ଆଗାମୀ ଦିନରେ କଣ ହେବ ? ତାକୁ ନେଇ ଲୋକେ ପ୍ରଶ୍ନ କରିଥିଲେ। ମେଡିକାଲର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଦାନ କରୁଥିବା ବେଳେ ଠିକାଦାର ଏଭଳି ନିମ୍ନମାନର କାମ କରୁଛି। ଫଳରେ କାମର ସ୍ଥାୟିତ୍ୱକୁ ନେଇ ସନ୍ଦେହ ଘନୀଭୂତ ହେଉଛି।

# କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ଦେଲେ ମନ୍ତ୍ରୀ

**ଟିଟିଲାଗଡ଼, ୪।୩(ସମିସ):** ଟିଟିଲାଗଡର ୧୪ ନମ୍ବର ୱାର୍ଡରେ ଥିବା ରାମକୃଷ୍ଣ ପରମହଂସ ଟ୍ରଷ୍ଟର କାଳୀମା'ଙ୍କ ମନ୍ଦିର ପରିସରରେ ମନ୍ତ୍ରୀ ଟୁକୁନି ସାହୁ କମ୍ୟୁନିଟି ଗୃହର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାଜର ଶତାଧିକ ପରିବାର ନାନାପ୍ରକାର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ବ୍ୟବହୃତ ହୋଇ ଲୋକେ ଉପକୃତ ହୋଇପାରିବେ। ଉଦବୋଧନ ମାଧ୍ୟମରେ ମନ୍ତ୍ରୀ ଟିଟିଲାଗଡର ପ୍ରଗତି ଓ ଉନ୍ନତିରେ ସଦସର୍ବଦା ରହିବାକୁ ପ୍ରତିଶ୍ରୁତି ଦେବା ସହ ନବୀନ ସରକାରଙ୍କ ସଶକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ପୂଜକ ତଥା ଟ୍ରଷ୍ଟର ସମ୍ପାଦକ ସ୍ୱାମୀ ଅଦ୍ରସନନ୍ଦ ମହାରାଜ, ବଙ୍ଗାଳୀ ସମାଜ ସଭାପତି ଶେଖର ସିନ୍ହା, ଉପସଭାପତି କଲ୍ୟାଣ ବୋସେ, ସମ୍ପାଦକ ଦୀପକ ସମାଦାର, ବରିଷ୍ଠ ସଦସ୍ୟ ନବଙ୍କୁର ଭଟ୍ଟାଚାର୍ଯ୍ୟ, ପ୍ରଦୀପ ଦେ, ଭୋଲା ସରକାର, ପ୍ରଦୀପ କର, ସପନ ଚକ୍ରବର୍ତ୍ତୀ, ଶିବୁ ସିହ୍ନା, ସପ୍ନା ବୋସେ, ନିତା ବୋସେ ଉପସ୍ଥିତ ଥିଲେ।



## ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଦାବିପତ୍ର

**ଜମନକିରା, ୪।୩ (ସମିସ):** ଜମନକିରା ବ୍ଲକ ଟିକିଲିପଡ଼ା ଗ୍ରାମ ପଞ୍ଚାୟତ ଡାଲେନ ଗ୍ରାମରେ ଗୋଷ୍ଠି କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଥିଲା। ହେଲେ ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ଏହାକୁ ଅକ୍ତିଆର କରି ନିଜସ୍ୱ ରାଏତି ଜମିରେ ମନ୍ଦିର ନିର୍ମାଣ କରାଇବା ପାଇଁ ମସୁଧା କରି ଗ୍ରାମବାସୀଙ୍କୁ ଭୁଆଁ ବୁଲାଉ ଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ହେଲେ ଗ୍ରାମ ପାଇଁ ପ୍ରଦାନ କରିଥିବା ଅର୍ଥରେ ଯଦି ଅନ୍ୟ କିଛି ନିର୍ମାଣ ହେଲେ ଗ୍ରାମବାସୀ ଏହି ଗୋଷ୍ଠି କେନ୍ଦ୍ର ସେବା ପାଇବାରୁ ବଞ୍ଚିତ ରହିବେ। ଏହି କେନ୍ଦ୍ରଟି ସରକାରି ଜମିରେ ଯେପରି ନିର୍ମାଣ କରି ସର୍ବସାଧାରଣ ଲୋକ କିଭଳି ଏହାକୁ ବ୍ୟବହାର କରିବେ ସେଥିପାଇଁ ଜମନକିରା ବିଡ଼ିଓ ରୀନା ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଜିଲ୍ଲାପାଳଙ୍କ ଦୁର୍ଗମ ଅଞ୍ଚଳ ଗସ୍ତ

**ହରଭଙ୍ଗା, ୪।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଦୁର୍ଗମ ଅଞ୍ଚଳ ତଳଗାଁ ପଞ୍ଚାୟତର ରାଣୀସାହି, ବୁରୁଡି, ଗୋଡିବିଡା, ନେଡିଗୁଡାକୁ ସୋମବାର ଅପରାହ୍ନରେ ଜିଲ୍ଲାପାଳ ଜେ. ସୋନାଲ ଗସ୍ତ କରିଛନ୍ତି। ବଣ ପାହାଡ଼ରେ ବାସ କରୁଥିବା ଆଦିବାସୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଅଞ୍ଚଳରେ ଗମନା ଗମନ ପାଇଁ ଭଲ ରାସ୍ତା ନାହିଁ। କେବଳ ଯାହା ଖରାଦିନେ ଗାଡି ମଟର ଯିବା ଆସିବା ହୋଇଥାଏ। ବର୍ଷା ଦିନେ କୌଣସି ଗାଡି ଯିବା ସମ୍ଭବପର ହୋଇ ନ ଥାଏ। କେବେ କାହାର ଯଦି ଦେହ ଅସୁସ୍ଥ ହୁଏ ତେବେ ୮ କିଲୋମିଟର ବାଟ ଖଟିଆରେ ଡମକୁଚ ପର୍ଯ୍ୟନ୍ତ ଆଣିବାକୁ ପଡ଼ିଥାଏ ବୋଲି ଲୋକେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏଣୁ ଅଞ୍ଚଳରେ ଅଧିକାଂଶ ଲୋକ ଝଡାଫୁଙ୍କାରେ ଭରସା କରିଥାନ୍ତି। ଏହାସହ ପୁଣି ପାଣି ସମସ୍ୟା ନେଇ ଲୋକେ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ଜିଲ୍ଲାପାଳଙ୍କ ସହ ବିଡ଼ିଓ ସ୍ୱସ୍ମିତା ନାୟକ ଏବଂ ଯନ୍ତ୍ରୀ ଉପସ୍ଥିତ ଥିଲେ।



## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଜମନକିରା, ୪।୩(ସମିସ):** ଜମନକିରା ଥାନା ୫୩ ନମ୍ବର ଜାତୀୟ ରାଜପଥ ଆମଲାନ ବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଟନସେରା ଗ୍ରାମର ବନମାଳି ବାଗ (୨୨)। ବନମାଳି ନିଜ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗାଡ଼ି ଆସି ଧକ୍କା ଦେଇ ଫେରାର ହୋଇଥିଲା। ଦୁର୍ଘଟଣା ଖବର ପାଇ ଜମନକିରା ଅଗ୍ନିଶମ ବିଭାଗ ଅଧିକାରୀ ଓ ଜମନକିରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛନ୍ତି।

## ୪ଦିନ ହେବ ଅନ୍ଧାରରେ ଗାଁ

**ଶଗଡ଼ା, ୪।୩(ସମିସ):** କନ୍ଧମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ରାବିଡି (କର୍ମିସାହି) ୪ଦିନ ହେବ ଅନ୍ଧାରରେ। ବିଦ୍ୟୁତ୍ ନ ଥିବାରୁ ଲୋକେ ଅନ୍ଧାରରେ ରହୁଛନ୍ତି। ଗ୍ରାମର ବିଦ୍ୟୁତ୍ ସବଷ୍ଟେସନରେ ଲାଗିଥିବା ଫ୍ୟୁଜ୍ ସହ ହ୍ୟାଣ୍ଡେଲକୁ ବିଦ୍ୟୁତ କର୍ମଚାରୀ କାଢି ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାହତ ହେବା ସହ ଗ୍ରାମବାସୀ ଗରମରେ ସିଝୁଛନ୍ତି।

## ବେଆଇନ ମଦ ବିକୁଥିବା ବେଳେ ଜଣେ ଗିରଫ

**କୁଚିଣ୍ଡା, ୪।୩(ସମିସ) :** ମହୁଲପାଲି ଥାନା ବାଙ୍କେ ଗ୍ରାମର ସିଦ୍ଧେଶ୍ୱର ବାଘ(୫୩) ବେଆଇନ ମଦ ବିକୁଥିବା ବେଳେ ପୁଲିସ ତାକୁ ଗିରଫ କରାଯାଇଛି। ତାପାଖରୁ ୧୧.୭ ଲିଟର ବିଦେଶୀ ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ପରିବେଶ ସଚେତନତା ବାର୍ତ୍ତା ନେଇ ସାଇକଲରେ ୨୮ ରାଜ୍ୟ ଭ୍ରମଣ

**ସମ୍ବଲପୁର, ୪।୩ (ସମିସ):** ପରିବେଶ ସଚେତନତା ବାର୍ତ୍ତା ନେଇ ଦେଢବର୍ଷ ତଳେ ବରଗଡ଼ ନୁଆଗଡ଼ରୁ ବାହାରିଥିବା




ନନ୍ଦିଘୋଷ ଖମାରୀ ୨୦ ହଜାର କିଲୋମିଟର ସାଇକେଲରେ ଯାତ୍ରା କରିସାରିଛନ୍ତି। ସାଇକେଲ ଯାତ୍ରା ଭିତରେ ସେ ୨୮ ଟି ରାଜ୍ୟ ଭ୍ରମଣ କରି ଆଜି ସମ୍ବଲପୁର ପହଞ୍ଚିଥିବା ଅବସରରେ ତାଙ୍କୁ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁଲତା ସମାଜର ସମ୍ବଲପୁରର ସଭାନେତ୍ରୀ ଯଶୋବନ୍ତୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦେବଭ୍ରମ ପଧାନ, ହାରାଧନ ପଧାନ, ଅଭିରାମ ଖମାରୀ, ସମାରୁ ବାରିକ, ଖୀରୋଦ ପଧାନ, ନିର୍ମଳ ପଧାନ, ଚୁଡାମଣୀ ବାରିକ, ବିବେକା ଭୋଇ, ଆଲୋକ ସାହୁ, ଦେବଦତ୍ତ ସାହୁ, ଅକ୍ଷୟ ପଧାନ, ହାରାଧନ ଭେଇ ପ୍ରବିଣ ବାରିକ, ଭବାନୀଶ ଭୋଇ ମଧୁସୁଦନ ଭୋଇ ପ୍ରମୁଖ ଉପସ୍ଥିତରହି ସାଇକେଲ ଯାତ୍ରୀ ନନ୍ଦିଘୋଷ ଖମାରୀଙ୍କୁ ସ୍ୱାଗତ କରିଥିଲେ। ମନ୍ଦିର ପୂଜକ ସୁଦାମ ପଧାନ ଏବଂ ଦେବୀ ପ୍ରସାଦ ଭୋଇ ରଣେଶ୍ୱର ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରିଥିଲେ।

### ସମ୍ବଲପୁରରେ ସ୍ୱାଗତ

ଏହି ଅବସରରେ ନନ୍ଦିଘୋଷ ତାଙ୍କର ଦେଢବର୍ଷର ସାଇକେଲ ଯାତ୍ରାର ଅଭିଜ୍ଞତା ବିଷୟରେ କହିଥିଲେ। ସାଇକଲର ଅଧିକ ବ୍ୟବହାର ପରିବେଶ ସହ ମଣିଷକୁ ମଧ୍ୟ ସୁସ୍ଥ ରଖେ ବୋଲି ସେ କହିଥିଲେ। ଭାରତର ଚାରିଆଡେ ସମ୍ବଲପୁରୀ ଗୀତ ଏବଂ ନାଚ ପ୍ରତି ଲୋକଙ୍କ ଆଗ୍ରହ ରହିଥିବ ନନ୍ଦିଘୋଷ କହିଛନ୍ତି। ଲୋକେ ସମ୍ବଲପୁରୀ ଭାଷା ବୁଝି ପାରୁନଥିଲେ ମଧ୍ୟ ଭାଷାର ସ୍ୱର ଏବଂ ବଜାକୁ ବେଶ ଉପଭୋଗ କରୁଥିବା ସେ କହିଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଏସ୍‌ପି

**ସୋନପୁର, ୪।୩(ସମିସ):** ସୋନପୁର ଜିଲ୍ଲା ପରିଷଦ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଏବଂ ଏସପି ଯଶ ପ୍ରତାପ୍ ଶ୍ରୀମଲ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଶିବିରରେ ୪୪ଟି ଆପତ୍ତି ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା। ଏହା ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୬ଟି ଥିବାବେଳେ ସାମୂହିକ ଦରଖାସ୍ତ ୮ଟି ଥିଲା। ଗ୍ରହଣ କରାଯାଇଥିବା ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି। ଶିବିରରେ ୨ଟି ଅସହାୟ ପରିବାରକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ବାତ୍ସଲ୍ୟ ଯୋଜନା ଅଧୀନରେ ପୃଷ୍ଠପୋଷକତା ସହାୟତା ରାଶି ୬ ମାସ ନିମନ୍ତେ ପ୍ରତ୍ୟେକ ପରିବାରକୁ ୨୪ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଜଣକୁ ୩୦ ହଜାର ଓ ଅନ୍ୟ ଜଣକୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସୋନପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ସିଏସଓ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ହୃଷିକେଶ ଦାଶଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ



# ମାହେଶ୍ୱରୀ କଲେଜରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ

**ବାଉଁଶୁଣି, ୪।୩(ସମିସ):** ସ୍ଥାନୀୟ ମା' ମାହେଶ୍ୱରୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ୧୫୦ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। କଲେଜ ଅଧକ୍ଷ ଅନିରୁଦ୍ଧ ମହାକୁଳ, ଏନ୍ଏସ୍ଏସ୍ ଅଧିକାରୀ ଡା ମନୋରଞ୍ଜନ ଘଡ଼େଇ, ଅଧ୍ୟାପକ ଶଶିକାନ୍ତ ଜେନା, ଡା, ପ୍ରଶାନ୍ତ ମଲ୍ଲିକ, ବାବାରାମ ଦେହୁରୀ, ଦୀପାଞ୍ଜଳି ସାହୁ, ମମତା ନେଗୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ଶକୁନ୍ତଳା ପ୍ରଧାନ ୧ମ ସ୍ଥାନ ଅଧିକାର କରିଥିଲେ। ପୂଜାରିଣୀ ମେହେର ୨ୟ ସ୍ଥାନ ଅଧିକାର କରିଥିବାବେଳେ ପୂଜା ମେହେର ୩ୟ ସ୍ଥାନ ଅଧିକାର କରିଥିଲେ। ସିଗମାରାଣୀ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।




# ଟିଟିଲାଗଡ଼ ନାଗରିକ ମଞ୍ଚର ବାର୍ଷିକ ବୈଠକ

**ଟିଟିଲାଗଡ଼, ୪।୩(ସମିସ):** ଟିଟିଲାଗଡ ଏଲଆଇସି ଅଫିସ ସାମ୍ନାରେ ଥିବା ବଣିକବାସ ସଭାଗୃହରେ ଟିଟିଲାଗଡ ନାଗରିକ ମଞ୍ଚର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ରାଧାକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଂଗଠାନିକ ସଂପାଦକ ମନୋଜ ହାତିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବର୍ଷ ୨୦୨୪/୨୫ ବର୍ଷ ପାଇଁ ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀଙ୍କୁ ସଭାପତି ରୂପେ ଚୟନ କରଯାଇଥିବା ବେଳେ ପୂର୍ବ କମିଟି ଯେମିତିକୁ ସେମିତି କାୟମ ରହିଛି। ସହରର ଟ୍ରାଫିକ ବ୍ୟବସ୍ଥାକୁ କିପରି ଶୃଙ୍ଖଳିତ କରିବା, ନୂତନ ହସ୍ପିଟାଲ ଉଦ୍ଘାଟନ ପରେ ସହର ଭିତରେ ଚବିଶ ଘଣ୍ଟା ଚିକିତ୍ସା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଇବା, ପୌର ପରିଷଦ ଅଞ୍ଚଳରେ ରାସ୍ତାଘାଟ ମରାମତି, ଟିପିଡବଲୁଡିଏଲ୍ ପକ୍ଷରୁ ହେଉଥିବା ଅଯଥା ଚଢ଼ଉ କରି ଫାଇନ ଆଦାୟ, ଉଦ୍ଦେଶ୍ୟ ମୂଳକ ଭାବେ ଲୋକଙ୍କୁ ହଇରାଣ କରି ବେନିୟମ ପେନାଲଟି ନ କରିବା ଭଳି ଅଭିଯୋଗ ସଦସ୍ୟମାନେ କରିଥିଲେ। ଟିଟିଲାଗଡ ନାଗରିକ ମଞ୍ଚର ଶମ୍ଭୁପ୍ରସାଦ ଗୋୟଲ, ପଦ୍ମନାଭ ବେହେରା, ପ୍ରଫୁଲ୍ଲ ଷଡଙ୍ଗୀ, ନାରୀନେତ୍ରୀ ଅଞ୍ଜଳି ବେହେରା, ଜଗନ୍ନାଥ ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ସୁନୀଲ ଆଚାର୍ଯ୍ୟ, ହରି ମିଶ୍ର, ସୁଧୀର ଘଡ଼େଇ, ଜଗନ୍ନାଥ ସାହୁ, ଚକ୍ର ପଟ୍ଟନାୟକ, ରମାକାନ୍ତ ଖମାରୀ, ବସନ୍ତ ସାହୁ, ଦୀପକ ସମାଦ୍ଦାର, ବିରବର ସାହୁ, ଦେବ ଷଡଙ୍ଗୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।




## ତ୍ରିମୂର୍ତ୍ତି କପ କ୍ରିକେଟ ପ୍ରତିଯୋଗିତା

# ବଲାଙ୍ଗିର ୟୁନିଭର୍ସିଟି ଇଲେଭେନ୍ ଚାମ୍ପିଅନ

**ଦେଓଗାଁ, ୪।୩(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଡାବାହାଲରେ ଚାଲିଥିବା ତ୍ରିମୂର୍ତ୍ତି କପ ଡ୍ୟୁଜବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଖପ୍ରାଖୋଲ ଓ ବଲାଙ୍ଗିର ୟୁନିଭରସିଟି ଇଲେଭେନ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଦଳ ଟସଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୭୦ ରନ ସଂଗ୍ରହ କରିଥିଲେ। ଖପ୍ରାଖୋଲ ଦଳ ୧୯.୨ ଓଭରରେ ଅଲଆଉଟ ହୋଇ ପରାଜୟ ବରଣ କରିଥିଲେ। ଖେଳକୁ କ୍ଷମାନିଧି ଖମାରୀ ଓ ଖଗେଶ୍ୱର ମାହାକୁର ପରିଚାଳନା କରିଥିବା ବେଳେ ରଜତ ଗହୀର ଓ ବିଜୟ ସୁନା ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବିଜୟ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁଶୀଳ ଚାନ୍ଦ ଓ ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଧ୍ରୁବଳେଶ୍ୱର ବକୁଳ, ମାରୁତି ଜେନା, ପ୍ରେମାନନ୍ଦ ମାହାକୁର, କୁନୁ ଖମାରୀ, ଏକାମ୍ର ମାହାକୁର, ଆଲୋକ ସିଂ ନିନା, ସଂଗ୍ରାମ ବଗର୍ତ୍ତି, ସୁଲୁ ଗହୀର ତଥା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।



